ଧରିତ୍ରୀ
DHARITRI
ଶନିବାର, ୭ ସେପ୍ଟେମ୍ବର, ୨୦୧୯



## ଆଜି କ'ଣ କେଉଁଠି

ସିମୁଳିଆ

- ପଞ୍ଚାୟତ ସମିତି ବୈଠକ, ପଞ୍ଚାୟତ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ସାଢେ ୧୦ଟା।

# ଓଭରବ୍ରିଜ୍ ମରାମତି ଦାବି ତେଜିଲା

- ସିଭିଲ୍ ସୋସାଇଟିର ଗଣଧାରଣା
- ପ୍ରତିଶ୍ରୁତି ମିଳିବା ପରେ ଧାରଣା ହଟିଲା

**ବାଲେଶ୍ୱର ଅଫିସ, ୬।୯**

ବାଲେଶ୍ୱର ଫକୀରମୋହନ ଗୋଲେଇସ୍ଥିତ ଓଭରବ୍ରିଜ୍‌ର ସୁରକ୍ଷା ଓ ମରାମତି ଦାବିରେ ରେଳଷ୍ଟେଶନ ନିକଟସ୍ଥ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ସିଭିଲ ସୋସାଇଟି ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ଏଥିରେ ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଆବଶ୍ୟକ ମରାମତି ଅଭାବରୁ ଓଭରବ୍ରିଜ ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ତୁରନ୍ତ ମରାମତି କରାଯିବାକୁ ସମ୍ପାଦକ ମନୋଜ ନାୟକ ଦାବି କରିଥିଲେ। ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜିବ କୁମାର ମହାନ୍ତି ପହଞ୍ଚି ଧାରଣାକାରୀଙ୍କ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ଓଭରବ୍ରିଜ୍‌ର ମରାମତି ପାଇଁ ଦିଲ୍ଲୀସ୍ଥିତ ହାର୍କୁଲେସ୍



ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଓ ଧାରଣାକାରୀଙ୍କ ସହ ଆଲୋଚନା କରୁଛନ୍ତି।

ଷ୍ଟ୍ରକ୍ଚରାଲ୍ ସିଷ୍ଟମ୍ ପ୍ରା.ଲି.ର ଅଟକଳକୁ ଗ୍ରହଣ କରି ବିଭାଗୀୟ ମୁଖ୍ୟଯନ୍ତ୍ରୀ ଗତ ୩୧ତାରିଖରେ ଏ ବାବଦରେ ୪କୋଟି ୯୩ଲକ୍ଷ ୨୫ହଜାର ୭ଶହ ୪୨ଟଙ୍କା ମଞ୍ଜୁର କରିଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରାଯାଇଛି। ପୋଲର ମରାମତି କାର୍ଯ୍ୟାରମ୍ଭ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବାକୁ ଜିଲାପାଳଙ୍କୁ ମଧ ଅନୁରୋଧ କରାଯାଇଛି ବୋଲି ଯନ୍ତ୍ରୀ ମହାନ୍ତି ସୂଚନା ଦେଇଥିଲେ। ଆଲୋଚନାକୁ ଭିତ୍ତି କରି ସିଭିଲ୍ ସୋସାଇଟି ତରଫରୁ ଚାଲିଥିବା ଗଣଧାରଣାକୁ ଅପରାହ୍ନରେ ପ୍ରତ୍ୟାହାର କରାଯାଇଥିଲା।

ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟାରମ୍ଭ ନ ହେଲେ ସିଭିଲ୍ ସୋସାଇଟି ତରଫରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସୋସାଇଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଗଣଧାରଣାରେ ବରିଷ୍ଠ ନାଗରିକ ମଞ୍ଚର ଜିଲା ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ସମେତ ବିଭିନ୍ନ ସାମାଜିକ ଓ ଗଣସଙ୍ଗଠନ ତରଫରୁ ଚିତ୍ତରଞ୍ଜନ ସାହୁ, ଧୀରେନ୍ଦ୍ର ନାରାୟଣ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ବସନ୍ତ ସ, ଶଶାଙ୍କ ଶେଖର ଦତ୍ତ, କବି ଶ୍ରୀଦେବ, ସାହିରୁଲ୍ ହକ୍, ନିରଞ୍ଜନ ପରିଡ଼ା, ନିରଞ୍ଜନ କୁମାର ଦାସ, ସୁଦର୍ଶନ ଦାସ ପ୍ରମୁଖ ସାମିଲ ହୋଇଥିଲେ।



ଧାରଣାରେ ଛାତ୍ରୀଛାତ୍ର ଓ ଅଭିଭାବକ।

## ଶିକ୍ଷକ ପଦବୀ ପୂରଣ ଦାବିରେ ଧାରଣା

**ଭୋଗରାଇ, ୬।୯(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବାରବାଟିଆ ଜନାର୍ଦ୍ଦନ ହାଇସ୍କୁଲ ପ୍ରଧାନଶିକ୍ଷକ ଓ କ୍ରୀଡ଼ା ଶିକ୍ଷକଙ୍କ ବଦଳିକୁ ବାତିଲ ସହ ଖାଲି ପଡ଼ିଥିବା ଅନ୍ୟ ଶିକ୍ଷକ ଓ କର୍ମଚାରୀ ପଦବୀ ପୂରଣ ଲାଗି ଶୁକ୍ରବାର ସ୍କୁଲ ସମ୍ମୁଖରେ ଅନଶନ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ସ୍କୁଲର ୩ଶହ ଛାତ୍ରୀଛାତ୍ର, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ସାମିଲ ହୋଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଓ କମର୍ଦ୍ଦା ଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ କାଳନ୍ଦୀ ସୋରେନ୍ ଜିଲା ଶିକ୍ଷାଧିକାରୀଙ୍କ ସହିତ ଆଲୋଚନା କରି ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ଓହରିଥିଲେ।

## ପ୍ରେମ ବ୍ୟାପାରକୁ ନେଇ ମରଣାନ୍ତକ ଆକ୍ରମଣ

**ଖଇରା, ୬।୯(ଡି.ଏନ.ଏ.)-**ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଘୁଷୁରିଗଡିଆ ଗ୍ରାମରେ ପ୍ରେମ ବ୍ୟାପାରକୁ ନେଇ ତପନ କୁମାର ସାହୁ ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ସେ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତପନ ଗୁରୁବାର ରାତିରେ ବାଇକ୍‌ରେ ଗଣ୍ଡିବେଡରୁ ବଟେଶ୍ୱର-ଅଘାପଦା ରାସ୍ତାରେ ଘରକୁ ଫେରୁଥିବା ବେଳେ ରାସ୍ତା ମଝିରେ କେତେକ ଯୁବକ ତାଙ୍କୁ ଅଟକାଇ ଏସିଡ୍ ଫିଙ୍ଗିବା ସହ ଭଙ୍ଗା ଟ୍ୟୁବଲାଇଟରେ ଆକ୍ରମଣ କରିଥିଲେ। ସେ ଜୋରରେ ପାଟି କରିବାରୁ ଆକ୍ରମଣକାରୀମାନେ ଦୌଡି ପଳାଇଥିଲେ। ଏନେଇ ଖଇରା ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୧୭୨/୧୯) ରୁଜୁ କରି ଆକ୍ରମଣକାରୀଙ୍କ ମଧ୍ୟରୁ ଜଣଙ୍କୁ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ତପନ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ଗଣ୍ଡିବେଡରୁ ଟଙ୍କା ନେଇ ଫେରୁଥିବା ବେଳେ ଦୁର୍ବୁତ୍ତମାନେ ୩୦ହଜାର ଟଙ୍କା ସମେତ ସେ ପିନ୍ଧିଥିବା ଅଳଙ୍କାର ଛଡାଇ ନେଇଛନ୍ତି। ଏ ସମ୍ପର୍କରେ ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ତପନଙ୍କର ଯେଉଁ ଝିଅ ସହ ବିବାହ ସ୍ଥିର ହୋଇଥିଲା, ତାଙ୍କ ପ୍ରେମିକମାନେ ଉତ୍ତ୍ୟକ୍ତ ହୋଇ ଏଭଳି କାଣ୍ଡ ଘଟାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

## ଏସ୍‌ପିଙ୍କ ଦ୍ୱାରା ଯାନବାହନ ଯାଞ୍ଚ



**ବାଲେଶ୍ୱର ଅଫିସ, ୬।୯:** ବାଲେଶ୍ୱର ଫକୀରମୋହନ ଗୋଲେଇ ଛକରେ ଜିଲା ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ବି. ଯୁଗଳ କିଶୋର କୁମାର ଏକ ଟିମ୍ ସହିତ ଶୁକ୍ରବାର ସନ୍ଧ୍ୟାରେ ଯାନବାହନ ଯାଞ୍ଚ କରିଛନ୍ତି। ବିନା ହେଲମେଟ୍‌ରେ ଯାଉଥିବା ବାଇକ୍ ଆରୋହୀଙ୍କୁ ଅଟକ ରଖି ଜରିମାନା ଆଦାୟ କରିବା ସହ କାଗଜପତ୍ର ଯାଞ୍ଚ କରିଛନ୍ତି। ସେହିପରି ଚାରିଚକିଆ ଯାନରେ ଯାଉଥିବା ଲୋକଙ୍କର ସିଟ୍‌ବେଲ୍ଟ, ଲାଇସେନ୍ସ, ପଲ୍ୟୁଶନ୍ ଭଳି କାଗଜପତ୍ର ମଧ ଯାଞ୍ଚ କରାଯାଇଛି। ଖବରଲେଖା ହେବା ବେଳକୁ ଯାଞ୍ଚ ଚାଲୁ ରହିଥିବା ଜଣାପଡ଼ିଛି।

## ଟ୍ରକ୍ ଧକ୍କାରେ ଯୁବକ ମୃତ

**ଖଇରା, ୬।୯(ଡି.ଏନ.ଏ.):** ଖଇରା ଥାନା ଅଧୀନ ଡୁଙ୍ଗୁରା ଗ୍ରାମର ଜିତେନ୍ଦ୍ର ସିଂ(୧୯) ଶୁକ୍ରବାର ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସାରଡାଙ୍ଗ ସ୍କୁଲର ପ୍ରଧାନଶିକ୍ଷକ ବୁଦ୍ଧିରାମ ସିଂଙ୍କ ପୁଅ ଜିତେନ୍ଦ୍ର ଭୁବନେଶ୍ୱର ଏକ ଘରୋଇ କଲେଜରେ ବିଟେକ୍ କରୁଥିଲେ। ଶୁକ୍ରବାର ସେ ବାଇକ୍ ଘରକୁ ଫେରୁଥିବା ବେଳେ ଚଣ୍ଡିଖୋଲ ନିକଟରେ ଏକ ଟ୍ରକ ସହ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଡୁଙ୍ଗୁରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଜିଲାସ୍ତରୀୟ ଟି.ଡି. ଟିକାକରଣ ଶୁଭାରମ୍ଭ

**ବାଲେଶ୍ୱର ଅଫିସ, ୬।୯:** ବାଲେଶ୍ୱର କନଭେଣ୍ଟ ସ୍କୁଲ ପରିସରରେ ଶୁକ୍ରବାର ଜିଲାସ୍ତରୀୟ ଟିଟାନସ୍ ଡିପଥେରିଆ (ଟି.ଡି) ଟିକାକରଣର ଶୁଭାରମ୍ଭ ହୋଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହାର ଶୁଭାରମ୍ଭ କରି ଜିଲାର ସମସ୍ତ ୧୦ବର୍ଷ ଓ ୧୬ବର୍ଷ ପିଲାମାନେ ଏହି ଟୀକା ନେବା ପାଇଁ ଅନୁରୋଧ କରିଥିଲେ। ଏହି ଟୀକା ଜିଲାର ୨୫୯୨ ବିଦ୍ୟାଳୟ ଓ ଗୋଷ୍ଠୀ ଅଞ୍ଚଳରେ ସମୁଦାୟ ୮୨,୨୪୫ ଜଣ ପିଲାଙ୍କୁ ଦିଆଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଆଗାମୀ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କମଳାକାନ୍ତ ନାୟକ ପ୍ରକାଶ କରିଛନ୍ତି।

## ■ ବାହାନଗା ପଞ୍ଚାୟତ ସମିତି ବୈଠକ

# ଫାଇଲିନ୍ ଟଙ୍କା ଖର୍ଚ୍ଚ ନେଇ ହୋହଲ୍ଲା

**ବାହାନଗା, ୬।୯(ଡି.ଏନ.ଏ.)**

ବାହାନଗା ବ୍ଲକ ପରିସରରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ସଭ୍ୟାସଭ୍ୟମାନେ ଫାଇଲିନ୍ ବାବଦକୁ ଆସିଥିବା ୭୦ ଲକ୍ଷ ଟଙ୍କା ଖର୍ଚ୍ଚ ନେଇ ପ୍ରଶ୍ନ ଉଠାଇବା ସହିତ ହୋହାଲ୍ଲା କରିଥିଲେ। ଏହି ଟଙ୍କା ୨୪ ପଞ୍ଚାୟତ ମଧ୍ୟରୁ ୧୫ ପଞ୍ଚାୟତରେ ଖର୍ଚ୍ଚ କରାଯାଇଥିବାରୁ ସଭ୍ୟାସଭ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସରସ୍ୱତୀ ମହାଳିକ ସଭାପତିତ୍ୱ କରିଥିଲେ। ଏବିଡିଓ ମାନସ କୁମାର ଚୌଧୁରୀ ସଭାକୁ ପରିଚାଳନା କରିଥିଲେ। ଏଥିରେ ଜିଲାପରିଷଦ ସଭ୍ୟ ଶରତଚନ୍ଦ୍ର ରାଜ, ବାଲେଶ୍ୱର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ବୈରାଗୀ ଚରଣ ବେହେରା, ନୀଳଗିରି ବିଧାୟକଙ୍କ ପ୍ରତିନିଧି ରମାକାନ୍ତ ବାରିକ, ଜିପିଓ ରାମଚନ୍ଦ୍ର ମାରାଣ୍ଡି, ଅତିରିକ୍ତ



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ସଭ୍ୟାସଭ୍ୟ।

ନିର୍ବାହୀ ଯନ୍ତ୍ରୀ ତରୁଣକାନ୍ତ ନନ୍ଦୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନମୂଳକ କାମ ବିଷୟରେ ଆଲୋଚନା କରି ପ୍ରସ୍ତାବ ଆଗତ କରିଥିଲେ। ଏଥିରେ ସରକାରଙ୍କ କାଳିଆ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ବ୍ଲକର ୧୯ ହଜାର ୯୧ଜଣ କାଳିଆ ଯୋଜନାରେ ସାମିଲ ହୋଇଥିବା ବୈଠକରେ ଅତିରିକ୍ତ କୃଷି ସମ୍ପ୍ରସାରଣ ଅଧିକାରୀ ରଙ୍ଗନାଥ ପାତ୍ର ପ୍ରକାଶ କରିଥିଲେ। ଏମାନଙ୍କ ମଧ୍ୟରୁ ୨୭ଶହ ୯୯ଜଣ ଅଯୋଗ୍ୟ ହିତାଧିକାରୀ ଭାବେ ବାଦ୍ ପଡିଛନ୍ତି। ୧୦ହଜାର ଯୋଗ୍ୟ ହିତାଧିକାରୀ ପୁନର୍ବାର ଫର୍ମ ଆବେଦନ କରିଛନ୍ତି। ଏହାସହିତ ପାନୀୟଜଳ ଓ ବିଦ୍ୟୁତ, ଶିକ୍ଷା, ଅଙ୍ଗନୱାଡି ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସଭ୍ୟାସଭ୍ୟମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ତେବେ ବୈଠକରେ ବିଜେଡି ସମର୍ଥିତ ସରପଞ୍ଚ ସମିତିସଭ୍ୟାସଭ୍ୟମାନଙ୍କ ଏକକାଳୀନ ଅନୁପସ୍ଥିତି ନେଇ ଚର୍ଚ୍ଚା ଜୋର ଧରିଥିଲା।

## ମହରମ ପର୍ବ ଲାଗି ଶାନ୍ତି କମିଟି ଗଠିତ

**ରୂପ୍‌ସା, ୬।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ରୂପ୍‌ସା ଥାନା ପରିସରରେ ମହରମ ପର୍ବ ପାଳନ ନିମନ୍ତେ ଶୁକ୍ରବାର ସନ୍ଧ୍ୟାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୦ତାରିଖରେ ମୁସଲମାନ ଭାଇଙ୍କ ଏହି ପର୍ବ ପାଳିତ ହେବ। ଥାନା ଅନ୍ତର୍ଗତ ଲଛମନଖୁଣ୍ଟା, ବାରାପାଳ, ଗଡ଼ପଦା, ରାଉତପଡ଼ା, କାନ୍ତିବସ୍ତି ଆଦି ମସଜିଦ୍‌ରେ ସମୂହ ନମାଜ ପାଠ ପୂର୍ବକ ତାଜିଆ ଶୋଭାଯାତ୍ରା ବାହାରିବ। ଥାନାଧିକାରୀ ସୁଚନ୍ଦ୍ର ମହାଳିକ ବୈଠକରେ ଅଧ୍ୟକ୍ଷତା କରି ଶାନ୍ତିଶୃଙ୍ଖଳାରେ ପର୍ବ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିଭିନ୍ନ ମସଜିଦ୍‌ର କର୍ମକର୍ତ୍ତା ଓ ଜନସାଧାରଣଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଇଥିଲା। ଏଏସ୍‌ଆଇ ହେମନ୍ତ ଦେବ, ନରହରି ମହାଳିକଙ୍କ ସମେତ ସରପଞ୍ଚ କାଳିଚରଣ ଯେନା, ମାୟାଧର ମଣି, ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପଣ୍ଡା, ଯୁବନେତା ହରେକୃଷ୍ଣ ପାଳ, ମାନସ ମିଶ୍ର, ଜୁମନ ଖାଁ, ମୁଜାଫର ଖାଁ, ହମିଦ ଖାଁ, ୟୁସୁଫ ଖାଁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଥାନାଧିକାରୀ ମହାଳିକ ଟ୍ରାଫିକ ଆଇନକୁ ଖୁବ୍‌ଶୀଘ୍ର ଥାନା ଅଞ୍ଚଳରେ କଡାକଡି କରିବାକୁ ସଚେତନ କରାଯାଇଥିଲା।

## ■ ଅବକାରୀ ଭ୍ରାମ୍ୟମାଣ ଟିମ୍ ପକ୍ଷରୁ ଚଢ଼ାଉ

# ୨ ଗିରଫ, ୪ ଚକିଆ ଯାନ ଜବତ

**ବାଲେଶ୍ୱର ଅଫିସ/ରୂପ୍‌ସା, ୬।୯(ଡି.ଏନ.ଏ.)**

ବାଲେଶ୍ୱର ଅବକାରୀ ଭ୍ରାମ୍ୟମାଣ ଟିମ୍ ପକ୍ଷରୁ ଗୁରୁବାର ଓ ଶୁକ୍ରବାର ଚଢାଉ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଛି। ଗୁରୁବାର ରାତିରେ ଭଦ୍ରକ ଚରମ୍ପାସ୍ଥିତ ଇରେଇ ଗ୍ରାମର ଗୁରୁବା ସିଂ (୨୫) ସିମୁଳିଆ ଥାନା ମଇଦାପୁରସ୍ଥିତ ମୁରୁଣା ବଜାର ଛକ ନିକଟରେ ଏକ ୱାଗନର ଗାଡ଼ିରେ ଦେଶୀ ମଦ ଭର୍ତ୍ତି କରି ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଚଢ଼ାଉ କରାଯାଇ ୫ଶହ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହାସହ କାର୍ (ନଂ.ଓଆର୍‌୦୧ଏଲ୍-୬୨୭୨) ଜବତ କରାଯାଇ ଗୁରୁବାଙ୍କୁ ଗିରଫ କରାଯାଇଛି। ଏନେଇ ମାମଲା (ନଂ. ୧୦୩/୧୯-୨୦) ରୁଜୁ କରାଯାଇ ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଜିଲା ଅବକାରୀ ଅଧୀକ୍ଷକ ରାଜେଶ ଭୋତ୍ରାଙ୍କ ନିର୍ଦ୍ଦେଶରେ ଅବକାରୀ ଭ୍ରାମ୍ୟମାଣ ଥାନା ଆଇଆଇସି ଉଦେଲାଲ ନାୟକ ଏକ ଟିମ୍ ସହ ଚଢାଉ କରିଥିଲେ। ଚଢ଼ାଉରେ ସହ ଉପନିରୀକ୍ଷକ ଚନ୍ଦ୍ର ମୋହନ ସେଠୀ, କନଷ୍ଟେବଳ ପ୍ରହ୍ଲାଦ ବିଶ୍ୱାଳ, ସେକ୍ କଲିମ୍‌ଉଦ୍ଦିନ ଓ ଅଞ୍ଜନ କୁମାର ଜେନା ପ୍ରମୁଖ ସାମିଲ ଥିଲେ।

ସେହିପରି ଶୁକ୍ରବାର ୬୦ନଂ. ଜାତୀୟ ରାଜପଥର ରୂପ୍‌ସା ଥାନା ଅଧୀନ ମା' ତାରିଣୀ ଢ଼ାବାରେ ଅଚାନକ ଚଢ଼ାଉ କରାଯାଇଥିଲା। ଏସ୍‌ଆଇ ଉଦେଲାଲ ନାୟକଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଢ଼ାବା ମାଲିକଙ୍କ ଅଭିଯୁକ୍ତ ପୁଅ ଅବିନାଶ ବେହେରାଙ୍କୁ ଗିରଫ କରାଯାଇଛି। ବେଆଇନ ଭାବେ ଢ଼ାବାରେ ବିକ୍ରି ହେଉଥିବା ୧୫ ବୋତଲ ବିଦେଶୀ ମଦ ଓ ୧୦ ବୋତଲ ବିଅର ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ଏକ ମାମଲା (ନଂ. ୧୦୪/୧୯) ରୁଜୁ କରିଛି। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।



ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥି।

## 'ଶିକ୍ଷା ଓ ଶିକ୍ଷାର୍ଥୀ' ଶୀର୍ଷକ ଆଲୋଚନାଚକ୍ର

**ରୂପ୍‌ସା, ୬।୯(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ 'ଶିକ୍ଷା ଓ ଶିକ୍ଷାର୍ଥୀ' ଶୀର୍ଷକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ଡ. ଜୟନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରି ଅଧ୍ୟୟନ ସମୟରୁ ଛାତ୍ରୀଛାତ୍ରଙ୍କ ଭାବନା ସର୍ବଦା ସକାରାତ୍ମକ ହେବା ଉଚିତ ବୋଲି ବକ୍ତବ୍ୟରେ କହିଥିଲେ। ଡ. ପ୍ରସନ୍ନ କୁମାର ମନ୍ତ୍ରୀ, ପ୍ରାଧ୍ୟାପକ କାଳିଚରଣ ଲେଙ୍କା, ପ୍ରାଧ୍ୟାପକ ବସନ୍ତ କୁମାର ଭୋଇ, ଅଧ୍ୟାପକ ଚନ୍ଦନ କୁମାର ଦାସ, ବିଜୟ କୁମାର ବେହେରା ଓ ଗୌରାଙ୍ଗ ପଣ୍ଡା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୀବନାଦର୍ଶ ସହ ବର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଓ ନୈତିକ ମୂଲ୍ୟବୋଧ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଛାତ୍ରୀ ପ୍ରତିମା ବେହେରା, ଶାନ୍ତି ସୋରେନ, ଜ୍ୟୋସ୍ନାରାଣୀ ଭୋଳ, ଛାତ୍ର ଜଗଦୀଶ ସାହୁ ଓ ଗଣେଶ ପାଢ଼ୀ ପ୍ରମୁଖ ନିବନ୍ଧ ପାଠ କରିଥିଲେ। ଅଧ୍ୟାପକ ଲକ୍ଷୀରାମ ହାଁସଦା, ଡ. ତପନ କୁମାର ଦାସ ଓ ଡ. ଆରୁଣୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

**ସୋର, ୬।୯(ଡି.ଏନ.ଏ.):** ସୋର ମ୍ୟୁନିସିପାଲିଟି ଅନ୍ତର୍ଗତ କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶିକ୍ଷା ବିକାଶ ସମିତି ଯୋଜନାରେ ୩ ଦିନିଆ ବିଭାଗସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଭଦ୍ରକ ବିଭାଗ ଅଧୀନରେ ଥିବା ୨୧ଟି ବିଦ୍ୟାଳୟର ୧୯୫ ଜଣ ଛାତ୍ରୀଛାତ୍ର ପ୍ରୟୋଗ ପ୍ରକଳ୍ପ, ପତ୍ରବାଚନ ଓ ପ୍ରଶ୍ନମଞ୍ଚରେ ଅଂଶଗ୍ରହଣ କରିଥିଲେ। ବିଭାଗ ସଂଯୋଜକ ନରୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ରାଜକିଶୋର ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଭାଗ ସଦସ୍ୟ ଅମୂଲ୍ୟ କୁମାର ରାଉତ ଓ ଶିଶୁ ବାଟିକା ପ୍ରମୁଖ ଲୋକନାଥ ମିଶ୍ର ପ୍ରମୁଖ ଯୋଗଦେଇ ଏହି ମେଳାର ଉଦ୍ଦେଶ୍ୟ କହିଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ରାସ୍ତା ପ୍ରଶସ୍ତୀକରଣ ଲାଗି ଦାବିପତ୍ର

**ସୋର, ୬।୯(ଡି.ଏନ.ଏ.)**

ସୋର ବ୍ଲକ ନଟାପଡ଼ାଠାରେ ୧୩୨/୩୩ କେଭି ଗ୍ରୀଡ଼ ସବ୍‌ଷ୍ଟେଶନ ପାଚେରି କଡ଼ ଦେଇ ଚାଷ ଜମିକୁ ଯାଇଥିବା ରାସ୍ତାକୁ ପ୍ରଶସ୍ତୀକରଣ ଲାଗି ଗ୍ରାମବାସୀ ଏସ୍‌ଡିଓ ଓ ସୋର ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ବାଲେଶ୍ୱର ଜିଲାପାଳ, ଶକ୍ତି ମନ୍ତ୍ରୀ, ସ୍ଥାନୀୟ ବିଧାୟକ, ଭଦ୍ରକ ଏମ୍‌ପି, ବିଦ୍ୟୁତ୍ ବିଭାଗର ସଚିବଙ୍କ ନିକଟକୁ ପଠାଯାଇଛି।

ଦାବିଗୁଡିକ ମଧ୍ୟରେ ପାଚେରି କଡ଼ରେ ଓସାରିଆ ରାସ୍ତା ନିର୍ମାଣ କରିବା, ଦୁଇ ତାଳିଆ ଜଳ ପ୍ରକଳ୍ପର ଜଳ ଚାଷୀଙ୍କୁ ଯୋଗାଇ ଦେବା, ନଟାପଡ଼ା ଓ ତିଳଦା ଗ୍ରାମକୁ ପୋଷ୍ୟ ଗ୍ରାମ୍ୟ ଭାବେ ଗ୍ରହଣ କରି ସିଧାସଳଖ ବିଦ୍ୟୁତ୍ ସଂଯୋଗ କରିବା,



ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

ଗ୍ରୀଡ୍ ରାସ୍ତା ପାର୍ଶ୍ୱରେ ବିଦ୍ୟୁତ୍‌କରଣ, ଗ୍ରୀଡ୍‌ରୁ ଷ୍ଟ୍ରକଚରକୁ ଯାଉଥିବା ଖୋଲା ବିଦ୍ୟୁତ୍ ତାରକୁ କେବୁଲ୍ ବ୍ୟବସ୍ଥା କରିବା ଆଦି ରହିଛି। ଏହାର ସ୍ଥାୟୀ ସମାଧାନ କରା ନ ଗଲେ ଆନ୍ଦୋଳନାତ୍ମକ ଗ୍ରହଣ କରାଯିବ ବୋଲି ଗ୍ରାମର ଅଜୟ କୁମାର ଦାସ, ଶ୍ରୀଧର ବାରିକ, ନିତ୍ୟାନନ୍ଦ ବାରିକ, ସୁଦାମ ମହାକୁଡ଼, ରବୀନ୍ଦ୍ର କୁମାର ଦାସ, ନିରଞ୍ଜନ ମଲ୍ଲିକ, ପ୍ରସନ୍ନ ଜେନା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଏଫ୍‌ଏମ୍ ଜୁନିୟର କଲେଜରେ ଗୁରୁ ଦିବସ

**ବାଲେଶ୍ୱର ଅଫିସ, ୬।୯**

ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ (ଏଫ୍‌ଏମ୍ ଜୁନିୟର କଲେଜ)ରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବ୍ରିଟିଶ୍ ହଲ୍ ପରିସରରେ ଗୁରୁଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଅଧ୍ୟକ୍ଷା, ଅଧ୍ୟାପିକା ଓ ଅଧ୍ୟାପକମାନଙ୍କୁ ମଞ୍ଚକୁ ପାଛୋଟି ନେଇଥିଲେ। ଛାତ୍ରୀଛାତ୍ରମାନେ ଗୁରୁବନ୍ଦନା ଗାନ କଲା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅଧ୍ୟକ୍ଷା ଡ. ମିନତୀ ସେଠୀ ସଭାପତିତ୍ୱ କରି ଗୁରୁ ଶିଷ୍ୟ ପରମ୍ପରାକୁ ଅକ୍ଷୁଣ୍ଣ ରଖିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ପର୍ଶୁରାମ ଜେନା ଯୋଗଦେଇ ପ୍ରତ୍ୟେକ ସଫଳ ଶିଷ୍ୟ ପଛରେ ଜଣେ ଗୁରୁଙ୍କର ଆଶୀର୍ବାଦ ଥାଏ ବୋଲି ମତ ଦେଇଥିଲେ। ଅଧ୍ୟାପକ ଡ. ସନ୍ତୋଷ କୁମାର ରାଉତ କଠିନ ପରିଶ୍ରମ ସହ ପିତୃମାତୃ, ଗୁରୁ ଓ ଈଶ୍ୱର ଭକ୍ତି ରହିଲେ ଛାତ୍ରୀଛାତ୍ରମାନେ ଜୀବନରେ ସଫଳ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଗୁରୁଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।

# ଜିଲାସ୍ତରୀୟ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ, ୬।୯**

ବାଲେଶ୍ୱର ଖ୍ରୀଷ୍ଟିଆନ ହାଇସ୍କୁଲ ଖେଳପଡ଼ିଆରେ ଶୁକ୍ରବାର ୬୫ତମ ଜିଲାସ୍ତରୀୟ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସଭାରେ ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ସଭାପତିତ୍ୱ କରିଥିବା ବେଳେ ଜିଲା ପ୍ରକଳ୍ପ ସଂଯୋଜକ ସୁରେନ୍ଦ୍ର ପ୍ରସାଦ ଶଙ୍ଖୁଆ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାରପ୍ରାପ୍ତ ଶିକ୍ଷା ନିରୀକ୍ଷକ ଅଶୋକ କୁମାର ନାୟକ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ଚନ୍ଦ୍ର ନିଆଲ, ଜିଲା ମଙ୍ଗଳ ଅଧିକାରୀ ରାଜୀବ କୁମାର ସାହୁ, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ କ୍ରୀଡ଼ା ସମ୍ପର୍କରେ ପ୍ରତିଯୋଗୀମାନଙ୍କୁ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପବ୍ଲିକ ନୋଡ଼ାଲ ହାଇସ୍କୁଲ, ଟାଉନ ହାଇସ୍କୁଲ, ଜିଲା ସ୍କୁଲ ଏବଂ ନୟନା କୁମାରୀ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ ମାର୍ଚ୍ଚପାଷ୍ଟ କରାଯାଇଥିଲା।



ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତାରେ ଉପସ୍ଥିତ ଅତିଥି।

ଜିଲାର ୧୨ଟି ବ୍ଲକ ଓ ମ୍ୟୁନିସିପାଲିଟିରେ ଥିବା ସମସ୍ତ ବିଦ୍ୟାଳୟରେ ପୂର୍ବରୁ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିଛନ୍ତି। ୧୪ ଓ ୧୭ବର୍ଷରୁ କମ୍ ଛାତ୍ରୀଛାତ୍ର ବିଭିନ୍ନ ବିଭାଗ ଖେଳରେ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତାରେ ୪୯୫ ବାଳିକା, ୭୧୬ ବାଳକ ମୋଟ ୧୨୧୧ଜଣ ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ଖେଳ ପରିଚାଳନା କରିବା ପାଇଁ ୮୨ଜଣ ପରିଚାଳକ, ମ୍ୟାନେଜର ଓ କୋଚ୍ ୯୯ଜଣଙ୍କୁ ନିୟୋଜିତ କରାଯାଇଛି। ଏହି ପ୍ରତିଯୋଗିତାରେ ଆଥଲେଟିକ୍ସ (ଦୌଡ଼କୁଦ) ଯୋଗ, ଭଲିବଲ୍, ତୀରନ୍ଦାଜ, ଫୁଟବଲ, କବାଡ଼ି, ଖୋ-ଖୋ, ଚେସ୍, ବ୍ୟାଡ଼ମିଣ୍ଟନ ଖେଳ ହେବା ସହ ବର୍ଷା ପାଇଁ ବାତିଲ୍ ହୋଇଥିବା ସଫ୍ଟବଲ, ରଗ୍‌ବୀ ଏବଂ କ୍ରିକେଟ୍ ପ୍ରତିଯୋଗିତା ପରବର୍ତ୍ତୀ ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା କୃତୀ ଛାତ୍ରୀଛାତ୍ର ଓ ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହେବେ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ଚିତ୍ତରଞ୍ଜନ ପାସା, ଅଞ୍ଜନ ଚାନ୍ଦ, ଅମୂଲ୍ୟ କୁମାର ରାଉତ, ବାବାଜୀ ଚରଣ ପାଢ଼ୀ, ମନୋରଞ୍ଜନ ଭୋଳ, କଳ୍ପଲତା ରଥ, ସନ୍ଧ୍ୟା ମହାପାତ୍ର, ବିଜୟ କୁମାର ପରମାଣିକ, ସେକ୍ ଅବଦୁଲ ହାକିମ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ କ୍ରୀଡ଼ା ଶିକ୍ଷୟିତ୍ରୀ, ଶିକ୍ଷକ ତଥା ସହକାରୀ ଶିକ୍ଷକ ଓ କର୍ମଚାରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଅସହ୍ୟ ହୋଇପଡ଼ିଛି ପୁଅର ଯନ୍ତ୍ରଣା

**ବନ୍ତ, ୬।୯ (ଡି.ଏନ.ଏ.)**

■ବିଷ ପିଇ ଜୀବନ ହାରିବାକୁ ମା'ଙ୍କ ଚେତାବନୀ
■ସହାୟତା ପାଇଁ ବାରମ୍ବାର ଟୁଇଟ୍ ପରେ ବି ପ୍ରଶାସନ ନୀରବ

ବାରମ୍ବାର ଟୁଇଟ୍ ପରେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ପକ୍ଷାଘାତରେ ପୀଡ଼ିତ ହୋଇ ରୋଗଶଯ୍ୟାରେ ଛଟପଟ ହେଉଥିବା ପୁଅର ଯନ୍ତ୍ରଣା ସହି ନ ପାରି ବିଷ ପିଇ ନିଜେ ଜୀବନ ହାରିବା ସହ ପୁଅକୁ ବିଷ ପିଆଇ ମାରି ଦେବେ ବୋଲି ଚେତାବନୀ ଦେଇଛନ୍ତି ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ନିମାପଡ଼ା ଗ୍ରାମର ଗୀତାରାଣୀ ପଣ୍ଡା। ଅର୍ଥାଭାବ ଯୋଗୁ ପୁଅର ଚିକିତ୍ସା କରାଇପାରୁ ନ ଥିବାବେଳେ ପ୍ରଶାସନର ନୀରବତା ନେଇ ସେ କ୍ଷୋଭ ପ୍ରକାଶ କରିଛନ୍ତି।

ଏହି ଗ୍ରାମର ନାରାୟଣ ଚନ୍ଦ୍ର ପଣ୍ଡାଙ୍କ ଏକମାତ୍ର ପୁଅ ମାନସ(୨୪)। ଗତ ଫେବୃୟାରୀ ୨୧ ତାରିଖରେ କଟକ ଯାଉଥିବା ବେଳେ ସେ ଦୁର୍ଘଟଣାର ଶିକାର ହୋଇଥିଲେ। ଦୁର୍ଘଟଣାରେ ମାନସଙ୍କ ମସ୍ତିଷ୍କରେ ଗଭୀର ଆଘାତ ଲାଗି ବ୍ରେନ୍ ହାମ୍ରେଜ ହୋଇଥିଲା। ପରିବାର ଲୋକେ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଇଥିଲେ। ପୁଅର ଚିକିତ୍ସା ପାଇଁ ପରିବାର ଲୋକେ


ରୋଗ ଶଯ୍ୟାଶାୟୀ ମାନସଙ୍କ ପାଖରେ ମା' ଗୀତାରାଣୀ।

ଜମିବାଡ଼ି ବିକ୍ରି କରିବା ସହ ଧାରକରଜ କରି ୮ ଲକ୍ଷରୁ ଅଧିକ ଟଙ୍କା ଖର୍ଚ୍ଚ କରିଥିଲେ। ଡାକ୍ତରଙ୍କ କହିବା ଅନୁଯାୟୀ ଚିକିତ୍ସାରେ ଅଧିକ ଅର୍ଥ ଆବଶ୍ୟକ ପଡ଼ିବାରୁ ସେମାନେ ପୁଅକୁ ଘରକୁ ନେଇ ଆସିଥିଲେ। ପରେ ସରକାରୀ ସହାୟତା ପାଇଁ ପରିବାର ପକ୍ଷରୁ ଜିଲାପାଳଙ୍କୁ ଆବେଦନ କରାଯାଇଥିଲା। ଜିଲାପାଳଙ୍କ ଅନୁମୋଦନ କ୍ରମେ ଗତ ଜୁଲାଇ ମାସରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୦ ହଜାର ଟଙ୍କା ପ୍ରଦାନ କରାଯିବା ସହ ତାଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ନିଆଯିବାର ବ୍ୟବସ୍ଥା କରାଯାଇଥିଲା। ମାତ୍ର ସେଠାରେ ବେଡ୍ ସୁବିଧା ନ ଥିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଥିଲା। ସେଠାରେ ମଧ୍ୟ ବେଡ୍ ସୁବିଧା ନ ମିଳିବାରୁ କିଛିଦିନ ବାରଣ୍ଡାରେ ଚିକିତ୍ସିତ ହେବା ପରେ ଅସୁବିଧା ଯୋଗୁ ପରିବାର ଲୋକେ ମାନସଙ୍କୁ ଘରକୁ ନେଇ ଆସିଥିଲେ। ଏବେ ମାନସ ରୋଗଶଯ୍ୟାରେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। କେବଳ ତରଳ ପାନୀୟ ପିଇ ସେ ବଞ୍ଚି ରହିଛନ୍ତି। ତାଙ୍କ ପାଟି କଳରେ ଘା' ହୋଇଗଲାଣି। ମାନସଙ୍କୁ ସରକାରୀ ସହାୟତା ପ୍ରଦାନ ସହ ଉତ୍ତମ ଚିକିତ୍ସା ସେବା ଯୋଗାଇ ଦେବା ଲକ୍ଷ୍ୟରେ ଭଦ୍ରକ ବରପଦା ଗ୍ରାମର ସାମାଜିକ କର୍ମୀ ପଦ୍ମଲୋଚନ ବେହେରା ଦୀର୍ଘମାସ ହେବ ଟୁଇଟ୍ ମାଧ୍ୟମରେ ଜିଲାପାଳଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଏ ସମ୍ପର୍କରେ ଜଣାଇ ଆସୁଛନ୍ତି। ପୁଅର ଯନ୍ତ୍ରଣା ସହି ନ ପାରି ମା' ଗୀତାରାଣୀ ଏଭଳି ଚରମ ନିଷ୍ପତ୍ତି ନେଇଥିବା ସାମାଜିକ କର୍ମୀ ପଦ୍ମଲୋଚନଙ୍କୁ ଫୋନ୍ ଯୋଗେ କହିଛନ୍ତି। ଏହାର ଅଡିଓ କ୍ଲିପ୍‌କୁ ମଧ୍ୟ ଟୁଇଟ୍ ମାଧ୍ୟମରେ ପ୍ରଶାସନ ନିକଟକୁ ପଠାଯାଇଥିବା ସାମାଜିକ କର୍ମୀ ପଦ୍ମଲୋଚନ ପ୍ରକାଶ କରିଛନ୍ତି। ହେଲେ ପ୍ରଶାସନ ବର୍ତ୍ତମାନ ସୁଦ୍ଧା ମାନସଙ୍କ ଅଧିକ ଚିକିତ୍ସା ପାଇଁ ତତ୍ପରତା ପ୍ରକାଶ କରିନାହିଁ। ଏ ସମ୍ପର୍କରେ ଜିଲାପାଳ ଜ୍ଞାନରଞ୍ଜନ ଦାଶଙ୍କ ସହ ଯୋଗାଯୋଗ ହୋଇପାରି ନାହିଁ।

# ୧୭ ବର୍ଷ ପରେ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ନିଲାମ

**ବନ୍ତ, ୬।୯ (ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଣିଜୋ ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ଗୃହ ୧୭ ବର୍ଷ ପରେ ଶୁକ୍ରବାର ନିଲାମ ହୋଇଛି। ଉକ୍ତ ପଞ୍ଚାୟତରେ ୨୦୦୨ରେ ଜିଲା ପରିଷଦ ଫଣ୍ଡରେ ୬ଟି ଗୃହ ଓ ପରେ ୨୦୧୫-୧୬ରେ ସିଏଫ୍‌ସି ଅନୁଦାନରେ ୬ଟି ନିର୍ମାଣ କରାଯାଇଥିଲା। ମୋଟ ୧୨ ଗୃହରୁ ଭଡ଼ା ସୂତ୍ରରେ ପଞ୍ଚାୟତକୁ କୌଣସି ଅର୍ଥ ଆସୁ ନ ଥିଲା। ଏ ନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ ପରେ ବିଡିଓ ରେବେକା ବିଲୁଙ୍ଗ, ଜିପିଓ ନିଶିକାନ୍ତ ଖୁଣ୍ଟିଆ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତା ପାଣିଗ୍ରାହୀ, ସରପଞ୍ଚ ଜଗବନ୍ଧୁ ବେହେରା, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ମହାନ୍ତି, ପ୍ରାକ୍ତନ ସରପଞ୍ଚ ଲିଙ୍ଗରାଜ ତ୍ରିପାଠୀ, ସମିତିସଭ୍ୟା ତିଳୋତ୍ତମା ଜେନା ଓ ବରିଷ୍ଠ ନାଗରିକ ପଞ୍ଚାନନ ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ନିଲାମ ପ୍ରକ୍ରିୟା ଶେଷ ହୋଇଥିଲା। ବାର୍ଷିକ ସିକ୍ୟୁରିଟି ଗୃହ ପ୍ରତି ୫ ହଜାର ଟଙ୍କା ଫେଠ କରି ୧୨ ଜଣଙ୍କୁ ଭଡ଼ା ସୂତ୍ରରେ ଦିଆଯାଇଛି। ୮ଟି ଗୃହ ମାସକୁ ୪୦୦ ଓ ୪ଟି ଗୃହ ମାସକୁ ୩୦୦ ଟଙ୍କା ଭଡ଼ା ବାବଦରେ ଆଦାୟ କରାଯିବାକୁ ସ୍ଥିର ହୋଇଥିବା ସୂଚନା ମିଳିଛି।

# ପୋଖରୀରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଭଣ୍ଡାରିପୋଖରୀ, ୬।୯ (ଡି.ଏନ.ଏ.)**

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରହଣିଆ ପଞ୍ଚାୟତ ଦେଉଳପଦି ଗ୍ରାମର ନିତ୍ୟାନନ୍ଦ ରାଉତ ନାମକ ଜଣେ ବୃଦ୍ଧ ପୋଖରୀରେ ପଡ଼ି ପ୍ରାଣ ହରାଇଛନ୍ତି। ସେ ଶୁକ୍ରବାର ଭୋରୁ ଶୌଚ ପାଇଁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି କରିବା ପରେ ଘରପାଖ ସ୍କୁଲ ପୋଖରୀ କୂଳେ ନିତ୍ୟାନନ୍ଦଙ୍କ ବାଡ଼ି ପଡ଼ିଥିବା ଦେଖିଥିଲେ। ଗ୍ରାମବାସୀଙ୍କ ସହଯୋଗରେ ସେମାନେ ପୋଖରୀରେ ଖୋଜାଖୋଜି କରି ତାଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ମୃତ ନିତ୍ୟାନନ୍ଦଙ୍କ ପୁଅ ଆଲୋକଙ୍କ ଅଭିଯୋଗ କ୍ରମେ ସ୍ଥାନୀୟ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ଭଣ୍ଡାରିପୋଖରୀ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୩/୧୯) ରୁଜୁ ହୋଇଛି।

## ସଂକ୍ଷେପରେ

### ୨ କ୍ୟାବିନରୁ ଚୋରି

**ଆରଡ଼ି,୬।୯ (ଡି.ଏନ.ଏ.):** ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ କୁଲେଇପଦା ଛକଠାରେ ଥିବା ୨ଟି କ୍ୟାବିନରୁ ଚୋରି ହୋଇଥିବା ଅଭିଯୋଗ କରାଯାଇଛି। ଏ ନେଇ ଦୁଇ ଦୋକାନୀଙ୍କ ଅଭିଯୋଗ କ୍ରମେ ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ଓ ହାବିଲଦାର ରମେଶ ଚନ୍ଦ୍ର ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଦୋକାନୀ ଜୟନ୍ତ ନାୟକ ଓ ସୁବାସ ବିଶ୍ୱାଳ ଗୁରୁବାର ସନ୍ଧ୍ୟାରେ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ଶୁକ୍ରବାର ସକାଳେ ଦୋକାନ ଖୋଲିବାକୁ ଆସି ତାଲା ଭଙ୍ଗା ଯାଇଥିବା ସେମାନେ ଦେଖିଥିଲେ। ଜୟନ୍ତଙ୍କ ଦୋକାନରୁ ନଗଦ ୧୦ ହଜାର ଟଙ୍କା, ଏଟିଏମ୍ କାର୍ଡ ସହ ବିଭିନ୍ନ ଷ୍ଟେସନେରୀ ସାମଗ୍ରୀ ଚୋରି ହୋଇଛି। ସୁବାସଙ୍କ ଦୋକାନରୁ ପ୍ରାୟ ୫ ହଜାର ଟଙ୍କାର ପ୍ରସାଧନ ସାମଗ୍ରୀ ଚୋରି ହୋଇଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନାଥାଉ କି, ମାସକ ତଳେ ନିକଟସ୍ଥ ମଠଡିହ ବଜାରରେ ଥିବା ସୁଜାତା ନାୟକଙ୍କ କ୍ୟାବିନ ଭାଙ୍ଗି କେହି ଦୁର୍ବୃତ୍ତ ନଗଦ ୬ ହଜାର ଟଙ୍କା ସହ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଯାଇଥିବା ଅଭିଯୋଗ ହୋଇଥିଲା।

### ଛାତ୍ରୀଙ୍କୁ ନାପ୍‌କିନ୍ ବଣ୍ଟନ

**ବନ୍ତ, ୬।୯ (ଡି.ଏନ.ଏ.):** ରାଜ୍ୟ ସରକାରଙ୍କ ଖୁସି ଯୋଜନାରେ ଶୁକ୍ରବାର ବନ୍ତ ବ୍ଲକ ନିଲୋକ ହାଇସ୍କୁଲରେ ୬୦ ଛାତ୍ରୀଙ୍କୁ ନାପ୍‌କିନ୍ ବଣ୍ଟନ କରାଯାଇଥିଲା। ୱାର୍ଡସଭ୍ୟା ମାଳତୀ ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୁରଜିତା ବାଇ, ସ୍ୱୟଂପ୍ରଭା ନାୟକ ଓ ଚିତ୍ରାବତୀ ବେହେରା ଉପସ୍ଥିତ ଥିଲେ।

### ୱାରେଣ୍ଟି ଗିରଫ

**ବନ୍ତ, ୬।୯ (ଡି.ଏନ.ଏ.):** ବନ୍ତ ଥାନା ଅଧୀନ ଓଲମ ଗ୍ରାମର ୱାରେଣ୍ଟି ବିଜୟ କୁମାର ସାହୁଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ତାଙ୍କ ନାମରେ ପୂର୍ବରୁ ଚେକ୍ ବାଉନ୍ସ ମାମଲା ଥିବାବେଳେ ସେ କୋର୍ଟରେ ହାଜର ହୋଇ ନ ଥିଲେ। ତାଙ୍କ ନାଁରେ ୱାରେଣ୍ଟ ଥିବାରୁ ପୋଲିସ ଗିରଫ କରିଥିଲା।

### ବଳଦେବଜୀଉ ହାଇସ୍କୁଲରେ ଟିକାକରଣ

**ଭଣ୍ଡାରିପୋଖରୀ, ୬।୯ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀସ୍ଥିତ ବଳଦେବଜୀଉ ହାଇସ୍କୁଲର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କୁ ଟିକାକରଣ କରାଯାଇଥିଲା। ସ୍ୱାସ୍ଥ୍ୟକର୍ମୀ ପ୍ରଭାକର ବେହୁରିଆ, ଜୟନ୍ତୀ ରାୟ, ଆଶାକର୍ମୀ ମମତା ବାରିକ, ଅଙ୍ଗନୱାଡି କର୍ମୀ ପାର୍ବତୀ ନାୟକ ଟିକାକରଣ କାର୍ଯ୍ୟକ୍ରମରେ ସଞ୍ଚାଳନା କରିଥିଲେ। ଶିକ୍ଷକ ଇନ୍ଦ୍ରଜିତ ମଲ୍ଲିକ, ଦାମୋଦର ଶତପଥୀ, ଶୁଭେନ୍ଦୁ ମଲ୍ଲିକ, ଅମୂଲ୍ୟ ମଲ୍ଲିକ, କେଦାରସେନ ମଲ୍ଲିକ, ସେକ୍ ଇମାମୁଲ ଓ ମୋନାଲିସା କର ପ୍ରମୁଖ ସହଯୋଗ କରିଥିଲେ। ପ୍ରକାଶ ଯେ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ୧୦ ଓ ୧୬ ବର୍ଷ ପଞ୍ଚମ ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଚାଲୁ ରହିବ।

### ସାଂସ୍କୃତିକ ସମାରୋହ

**ଧାମନଗର, ୬।୯(ଡି.ଏନ.ଏ.):** ଧାମନଗର ବ୍ଲକ ଅସୁରାଳି ଗାନ୍ଧୀନଗର ଗଣେଶ ମଣ୍ଡପ ପରିସରରେ ବାର୍ଷିକ ସାଂସ୍କୃତିକ ସମାରୋହ ଅନୁଷ୍ଠିତ ହୋଇଯାଇଛି। କିଶୋର କୁମାର ପୃଷ୍ଟି ଅଧକ୍ଷତା କରିଥିଲେ। ସାହିତ୍ୟିକା ଅଧାପିକା ସୁମିତା ପତି ମୁଖ୍ୟଅତିଥି ଏବଂ ଯାତ୍ରା ଅଭିନେତା ବୈକୁଣ୍ଠନାଥ ସାହୁ, ସରପଞ୍ଚ ରାଜେନ୍ଦ୍ର ସାହୁ, ଯୁବକବି ଧର୍ମେନ୍ଦ୍ର ବେହେରା, ଉଦ୍ୟୋଗପତି ଆଇନଜୀବୀ ସୂରଜ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗାଁଗଣ୍ଡାରେ ହଜି ଯାଉଥିବା ଉତ୍କଳୀୟ ସାଂସ୍କୃତିକ ପରମ୍ପରାକୁ ବଞ୍ଚାଇ ରଖିବା ଯୁବ ସମାଜର ଗୁରୁଦାୟିତ୍ୱ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଆୟୋଜିତ ନୃତ୍ୟସଂଗୀତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ସୁଶ୍ରୀ ଦୀପ୍ତିଶିଖା, ସୁନିତା ଜେନା, ରୁବିତା ନାଥ, ବିଶ୍ୱଜିତ ସାହୁ, ପ୍ରତୀକ୍ଷା ବାରିକ ଏବଂ ଓମ୍‌ପ୍ରଭା ନାୟକଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରକାଶ ପାତ୍ର ଅତିଥି ପରିଚୟ ପ୍ରଦାନ ଓ ଶଙ୍କର୍ଷଣ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ହରିଶ୍ଚନ୍ଦ୍ର ବେହେରା, ବିଶ୍ୱଜିତ ଦାସ, ସନାତନ ଦଳେଇ, ସର୍ବେଶ୍ୱର ପାତ୍ର, ବିଶ୍ୱନାଥ ଦଳେଇ ଓ ଜ୍ଞାନରଞ୍ଜନ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମନ୍ତ୍ରୀ ପ୍ରତାପଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୬।୯ (ଡି.ଏନ.ଏ.)**

ପଞ୍ଚାୟତିରାଜ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ସରକାରୀ କାର୍ଯ୍ୟକ୍ରମରେ ଶୁକ୍ରବାର ପୂର୍ବାହ୍ନରେ ଭଦ୍ରକ ଜିଲା ଗସ୍ତ କରିଥିଲେ। ଏହି ଅବସରରେ ଭଣ୍ଡାରିପୋଖରୀ ବିଜେଡି ପକ୍ଷରୁ ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମନ୍ତ୍ରୀ ଜେନା ଭଦ୍ରକ ଜିଲା ପ୍ରବେଶ ପଥ ଆଖୁଆପଦା ନିକଟ ଯଶୋଡିକିରି ଛକଠାରେ ପହଞ୍ଚିବା ପରେ ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପୂର୍ବତନ ଯୋଜନା ବୋର୍ଡ ଅଧକ୍ଷ ସୁଧାକର ନନ୍ଦ, ସ୍ଥାନୀୟ ସରପଞ୍ଚ ବଦ୍ରିନାରାୟଣ ରାଉତ, ଶରତ ଜେନା, ବନମାଳି ପୃଷ୍ଟି, ହରେକୃଷ୍ଣ ପ୍ରଧାନ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ତହସିଲ ଛକଠାରେ ବିଧାୟକ ପ୍ରତିନିଧି ପ୍ରୟାସକାନ୍ତି ସାମଲ, ସତ୍ୟାନନ୍ଦ ମହାପାତ୍ର, ଲକ୍ଷ୍ମୀଧର ସାହୁ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ପ୍ରଣିତକାନ୍ତ ସାମଲ, ଦେବେନ୍ଦ୍ର ଦାସ, ଅନନ୍ତ ତ୍ରିପାଠୀ, ପ୍ରଭାକର ରାଉତ, ପର୍ଶୁରାମ ଶଙ୍ଖୁଆ ପ୍ରମୁଖ ଶତାଧିକ ଦଳୀୟ କର୍ମୀ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ସେହିପରି ଚିଙ୍ଗୁଡ଼ିପୁର ଛକଠାରେ ବରିଷ୍ଠ ବିଜେଡି ନେତା ରଘୁନାଥ ପଣ୍ଡା, ଅମୂଲ୍ୟ ନାୟକ, ସୁଶାନ୍ତ ରାଉତ ଓ ସ୍ଥାନୀୟ କର୍ମୀ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଥିଲେ।

# ପକ୍କାଘର ଥାଇ ମିଳୁଛି ପ୍ରଧାନମନ୍ତ୍ରୀ ଆବାସ

**ବନ୍ତ, ୬।୯ (ଡି.ଏନ.ଏ.)**

ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ସିଲନ୍ଦି ଗ୍ରାମରେ ପକ୍କାଘର ଥିବା ଜଣେ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ଦିଆଯାଇଥିବା ଅଭିଯୋଗ ହୋଇଛି। ସରକାରୀ ନିୟମ ଅନୁଯାୟୀ ଏସ୍ଇସିସି ତାଲିକାରେ ନାମ ଥିବା ସହ ଚାଳଛପର ଘରଥିବା ହିତାଧିକାରୀଙ୍କୁ ପ୍ରାୟୋରିଟି ତାଲିକାର କ୍ରମ ଅନୁଯାୟୀ ପକ୍କାଗୃହ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ପୂର୍ବରୁ ବହୁ ହିତାଧିକାରୀଙ୍କ ପକ୍କାଘର ଥାଇ ପ୍ରାୟୋରିଟି ଲିଷ୍ଟରେ ନାମ ଥିଲେ ମଧ୍ୟ ସେମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଦିଆଯାଇ ନାହିଁ। ତେବେ ଏହି ବ୍ୟକ୍ତିଙ୍କୁ କିପରି ଆବାସ ପ୍ରଦାନ କରାଯାଉଛି ବୋଲି ସରପଞ୍ଚ ସତ୍ୟପ୍ରିୟା ଜେନା, ୱାର୍ଡସଭ୍ୟ ଅକ୍ଷୟ ସାହୁ, ଅରୁଣ ନାୟକ, ଲକ୍ଷ୍ମୀପ୍ରିୟା ରାଜ, କନକଲତା ମଲ୍ଲିକ, ସୁଧାଂଶୁବାଳା ଜେନା, ରାଧାରାଣୀ ଜେନା, ସବିତା ନାୟକ, ମାଳତୀ ମୁଖୀ ପ୍ରମୁଖ ବିଡିଓ, ଜିଲାପାଳ ଓ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ ଏହାର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ଗୁରୁ ଦିବସରେ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ, ୬।୯(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଗୁରୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଦ୍ୱାରା ଭଣ୍ଡାରିପୋଖରୀ ହାଇସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ଲୋକନାଥ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଣିନାଥପୁର ନରେନ୍ଦ୍ର କୁମାର ପରିଡ଼ା ସଂଯୁକ୍ତ ବିଦ୍ୟାଳୟର ପ୍ରାଣପ୍ରତିଷ୍ଠାତା ସ୍ୱର୍ଗତ ପରିଡ଼ାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ ପୂର୍ବକ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣା ପୌରୋହିତ୍ୟ କରିଥିଲେ। ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଗୁରୁଦିବସର ପ୍ରାସଙ୍ଗିକତା ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଜେଏନ୍ ପବ୍ଲିକ ସ୍କୁଲର ପରିଚାଳକ କ୍ଷୀରୋଦ ଜେନାଙ୍କ ଅଧକ୍ଷତାରେ ଗୁରୁଦିବସ ପାଳନ ହୋଇଥିଲା। ଏଥିରେ ଶିକ୍ଷାବିତ୍ ନଟବର ରାଉଳ, ଚିନ୍ତାମଣି ପାତ୍ର ଓ ଭଗବାନ ନାୟକଙ୍କୁ ଶିକ୍ଷାଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଖବରଦାତା ଦୁର୍ଯ୍ୟୋଧନ ଲେଙ୍କା ଗୁରୁ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଛାତ୍ରୀଛାତ୍ରଙ୍କୁ ଗୀତା ବଣ୍ଟନ କରିଥିଲେ।


ଶାରଦା ବିଦ୍ୟାମନ୍ଦିରରେ ପୂର୍ବତନ ପ୍ରଧାନଶିକ୍ଷକ ଲୋକନାଥ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ

**ଭଦ୍ରକ ଅଫିସ,୬।୯**

ରାଜ୍ୟ ପଞ୍ଚାୟତିରାଜ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଶୁକ୍ରବାର ଦିନିକିଆ ଭଦ୍ରକ ଗସ୍ତ କରି ଫେରିଛନ୍ତି। ଏହି ଅବସରରେ ମନ୍ତ୍ରୀ ଜେନା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦ୍‌ଘାଟନ କରିବା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ, ଶ୍ରମିକଙ୍କୁ ଲେବର କାର୍ଡ ଓ ହିତାଧିକାରୀଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରିଥିଲେ। ସେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ରାଜ୍ୟ ସରକାରଙ୍କ ପାଖରେ ଅର୍ଥର ଅଭାବ ନାହିଁ। ମଞ୍ଜୁର ଅର୍ଥର ସୁବିନିଯୋଗ କରିବା ସ୍ଥାନୀୟ ଜନପ୍ରତିନିଧିଙ୍କ କାର୍ଯ୍ୟ। ଭଦ୍ରକର ଉନ୍ନତି ପାଇଁ ସ୍ଥାନୀୟ ବିଧାୟକ ବହୁ ଯୋଜନା କରିଥିବା ସମ୍ପର୍କରେ ସେ ଅବଗତ କରିଥିଲେ।

ମନ୍ତ୍ରୀ ଜେନା ପୂର୍ବାହ୍ନରେ ପ୍ରଥମେ ଗେଲପୁରଠାରେ ପହଞ୍ଚି ସେଠାରେ ୪ କୋଟି ୩୦ ଲକ୍ଷ ଟଙ୍କାରେ ନିର୍ମାଣ ହେବାକୁ ଥିବା ଅତ୍ୟାଧୁନିକ ସର୍କିଟ ହାଉସର ଶିଳାନ୍ୟାସ, ବ୍ଲକ କଲୋନୀଠାରେ ନୂତନ ଲାଇବ୍ରେରୀ ଓ ପାଠାଗାର ପାଇଁ ଶିଳାନ୍ୟାସ କରିଥିଲେ। ସେହିଭଳି ଆହାରକେନ୍ଦ୍ର ପରିସରରେ ୪ଟି ଏସିକୁ ଉଦ୍‌ଘାଟନ କରିଥିବା ବେଳେ ସେଠାରେ ଏକ ସେସ୍‌ପୋଲ ଗାଡ଼ିକୁ ପୁରୁଷ ସ୍ୱୟଂସହାୟକ ଗୋଷ୍ଠୀକୁ ହସ୍ତାନ୍ତର କରିଥିଲେ। ପରେ ମନ୍ତ୍ରୀଙ୍କ ଦ୍ୱାରା ପୌରପାଳିକା ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଭ୍ରାମ୍ୟ ଶୌଚାଳୟ ଉଦ୍‌ଘାଟନ କରାଯାଇଥିଲା। ସେହିଭଳି କଚେରି ବଜାର ଛକରୁ ପୁରୁଣାବଜାର ଏବଂ ପୁରୁଣାବଜାର ଛକରୁ ସଙ୍ଗତ, ବାଙ୍କାବଜାରଠାରୁ ଉତ୍ତରବାହିନୀ ଛକ ରାସ୍ତାର ଶିଳାନ୍ୟାସ, ମହତାବ ଛକଠାରୁ ଡାହାଣିଗଡିଆ ପର୍ଯ୍ୟନ୍ତ ରାସ୍ତାକୁ ମହାତ୍ମା ଗାନ୍ଧୀ ମାର୍ଗ ନାମରେ ନାମିତ କରାଯାଇଛି। ନୂଆ ବସ୍‌ଷ୍ଟାଣ୍ଡ ନିକଟସ୍ଥ ରାତ୍ରି ଆଶ୍ରୟସ୍ଥଳୀଠାରେ ନୂତନ ମାର୍କେଟ କମ୍ପ୍ଲେକ୍ସର ଶିଳାନ୍ୟାସ କରିବା ପରେ ମନ୍ତ୍ରୀ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସଭାରେ ଯୋଗ ଦେଇଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ ଏହି ସଭାରେ ଅଧକ୍ଷତା କରିଥିଲେ। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ବ୍ୟୋମକେଶ ରାୟ ଓ ସଞ୍ଜୀବ ମଲ୍ଲିକ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମନ୍ତ୍ରୀ ଜେନା ଶ୍ରମିକମାନଙ୍କୁ ଶ୍ରମ କାର୍ଡ, ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଉପକରଣ ଓ ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ରିଭଲ୍‌ଭିଂ ଫଣ୍ଡ ପ୍ରଦାନ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଅତିରିକ୍ତ ଉପଜିଲାପାଳ ମନୋରମା ଭୂୟାଁ, ପୌରନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ସମେତ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀ ଏବଂ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଭଦ୍ରକ ଗସ୍ତ**


ଶିଳାନ୍ୟାସ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରତାପ ଜେନା, ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଅନ୍ୟମାନେ।

### ଔଷଧ ବ୍ୟବସାୟୀ ସଂଘର କାର୍ଯ୍ୟକାରିଣୀ କମିଟି ସଭ୍ୟ ନିର୍ବାଚିତ

**ତିହିଡ଼ି, ୬।୯ (ଡି.ଏନ.ଏ.)**

ଭଦ୍ରକ ଜିଲା ଔଷଧ ବ୍ୟବସାୟୀ ସଂଘ (ବିଡିସିଡିଏ)ର ତିହିଡ଼ି ଜୋନ୍ କାର୍ଯ୍ୟକାରିଣୀ କମିଟି ସଭ୍ୟ ପଦ ନିମନ୍ତେ ଶୁକ୍ରବାର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ତିହିଡ଼ିସ୍ଥିତ ମନ୍ଦୋଦରୀ କଲ୍ୟାଣ ମଣ୍ଡପରେ ଏହି ଉପଲକ୍ଷେ ବୈଠକ ହୋଇଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ବାଉଲି ଚରଣ ବାରିକ, ସହକାରୀ ନିର୍ବାଚନ ଅଧିକାରୀ ଗୁରୁପ୍ରସାଦ ମହାନ୍ତି, ଜିଲା ସଂଘର ସାଧାରଣ ସମ୍ପାଦକ ଦୀପକ କୁମାର ଆଚାର୍ଯ୍ୟ ଏବଂ କୋଷାଧକ୍ଷ ଆଶିଷ ଅମିତାଭ ମହାପାତ୍ର ଯୋଗ ଦେଇଥିଲେ। ଧୀରେନ୍ଦ୍ର କୁମାର ସାହୁ ଓ ଦେବାଂଶୁ କର ତିହିଡ଼ି ଜୋନ୍‌ର କାର୍ଯ୍ୟକାରିଣୀ ସଦସ୍ୟ ରୂପେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ବୈଠକରେ ତିହିଡ଼ି ଜୋନ୍‌ରୁ ୬୦ରୁ ଉର୍ଦ୍ଧ୍ୱ ଔଷଧ ବ୍ୟବସାୟୀ ଯୋଗଦେଇ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଥିଲେ।

■ ଯୁବ ରେଡ୍‌କ୍ରସର ଜିଲା କାର୍ଯ୍ୟକାରିଣୀ

# ରକ୍ତ ସଂଗ୍ରହ ଉପରେ ଗୁରୁତ୍ୱ



କାର୍ଯ୍ୟକାରିଣୀ ବୈଠକରେ ଉପସ୍ଥିତ ଅତିଥି।

**ଭଦ୍ରକ ଅଫିସ, ୬।୯**

ଭଦ୍ରକ ଜିଲାର ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ଯୁବ ରେଡ୍‌କ୍ରସର ସଂଯୋଜକଙ୍କୁ ନେଇ ଶୁକ୍ରବାର ଅପରାହ୍ନରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏକ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ରକ୍ତ ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଥିଲା। କଲେଜ ଅଧକ୍ଷ ଡ. ପ୍ରସନ୍ନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପଦାର୍ଥ ବିଜ୍ଞାନ ବିଭାଗର ପିଏଲ୍‌ଟି ହଲ୍‌ରେ ବୈଠକ ଆୟୋଜିତ ହୋଇଥିଲା। ପ୍ରାଣୀ ବିଜ୍ଞାନର ପ୍ରଫେସର ଡ. ଦୁର୍ଗାଶଙ୍କର ଦାସ ଏଥିରେ ସଭାପତିତ୍ୱ କରିଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ତଥା ଜିଲା ଆବାହକ ସଂଯୋଜକ କମଳାକାନ୍ତ ଜେନା। ଏଥିରେ ୩୫ଟି ମହାବିଦ୍ୟାଳୟର ଅଧକ୍ଷ ଓ ରେଡ୍‌କ୍ରସ ସଂଯୋଜକ ଯୋଗଦେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ଜିଲା ରେଡ୍‌କ୍ରସ ସଂଯୋଜିକା ଅଧାପିକା ଶୈଳବାଳା ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଭଦ୍ରକ ରକ୍ତଭଣ୍ଡାରର ରତିକାନ୍ତ ବଳ ଅନ୍ୟତମ ଅତିଥି ରୂପେ ସମସ୍ତ କଲେଜରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ପାଇଁ ଅନୁରୋଧ କରିଥିଲେ। ଚଳିତ ଶିକ୍ଷାବର୍ଷରେ ଭଦ୍ରକର ସମସ୍ତ ରେଡ୍‌କ୍ରସ୍ ୟୁନିଟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିବା, ବୃକ୍ଷରୋପଣ, ଏଡ୍‌ସ ସଚେତନତା ରାଲି, ବିଶ୍ୱ ପରିବେଶ ଦିବସ ପାଳନ, ରକ୍ତହୀନତା ଉପରେ କଲେଜ ଛାତ୍ରୀଙ୍କୁ ସଚେତନ କରାଇବା ଏବଂ ଡେଙ୍ଗୁ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଆଲୋଚନା ହୋଇଥିଲା। ଆସନ୍ତା ଅକ୍ଟୋବର ୧୯ରୁ ୨୧ ତାରିଖ ମଧ୍ୟରେ ମଦାରୀ ମହାବିଦ୍ୟାଳୟରେ ଚଳିତ ବର୍ଷ ଜିଲାସ୍ତରୀୟ ତିନିଦିନିଆ ତାଲିମ ଶିବିର ଆୟୋଜନ ଲାଗି ନିଷ୍ପତ୍ତି ନିଆଯାଇଥିଲା।

# ଦୌଡ଼କୁଦ ପ୍ରତିଯୋଗିତାରେ ୩ଶହ ଛାତ୍ରୀଛାତ୍ର

**ତିହିଡ଼ି, ୬।୯ (ଡି.ଏନ.ଏ.)**

ତିହିଡ଼ିସ୍ଥିତ ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲରେ ବ୍ଲକସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧୀନ ସମସ୍ତ ହାଇସ୍କୁଲର ୩ ଶହ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବ୍ଲକ ଶିକ୍ଷାଧିକାରୀ ଉଦୟ ନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀକାନ୍ତ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ରମାକାନ୍ତ ଦାସ ଯୋଗଦେଇ ପ୍ରତିଯୋଗିତା ମନୋଭାବ ରହିଲେ ଛାତ୍ରୀଛାତ୍ରଙ୍କର ମାନସିକ ଓ ଶାରୀରିକ ବିକାଶ ହେବ ବୋଲି କହିଥିଲେ। କ୍ରୀଡ଼ା ଶିକ୍ଷକ ସୋମନାଥ ମିଶ୍ର ପ୍ରାରମ୍ଭିକ ସୂଚନା ଏବଂ ଗିରିଜା ରମଣ ଜେନା ଧନ୍ୟବାଦ ଦେଇଥିଲେ। ପିଲାମାନଙ୍କ ମଧ୍ୟରେ କବାଡ଼ି ଓ ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କବାଡ଼ିରେ ୩୨ ଓ ବ୍ୟାଡମିଣ୍ଟନରେ ୮ ଛାତ୍ରୀଛାତ୍ର ଜିଲାସ୍ତରୀୟକୁ ମନୋନୀତ ହୋଇଛନ୍ତି। କ୍ରୀଡ଼ା ଶିକ୍ଷକ ରାଜେନ୍ଦ୍ର କୁମାର ବିଶ୍ୱାଳ, ପ୍ରଭାତ କୁମାର ଜେନା, ବିଜୟ କୁମାର ନାୟକ, ବିଭୂପଦ ସାହୁ, ମଞ୍ଜୁଲତା ଦାସ, ସୁରେଶ ମହାକୁଡ଼, ମଧୁସ୍ମିତା ପଣ୍ଡା, ଗୀତାଞ୍ଜଳି ରଥ ଓ ପ୍ରଦୀପ ଖଟୁଆ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।


ଚନ୍ଦ୍ରଶେଖର ରତ୍ନାକର ସହଯୋଗ ହାଇସ୍କୁଲରେ ଛାତ୍ରୀମାନେ କବାଡ଼ି ଖେଳୁଛନ୍ତି।

## ସଂକ୍ଷେପରେ



### ପୋଲିସ ପାଟ୍ରୋଲିଂ ଗାଡ଼ିକୁ ଧକ୍କା ଦେଲା ଡମ୍ପର

ଯୋଡ଼ା,୬।୯ (ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ଥାନା ଅନ୍ତର୍ଗତ ବନେଇକଳା ଖଣି ଉପନିର୍ଦ୍ଦେଶାଳୟ କାର୍ଯ୍ୟାଳୟ ନିକଟ ୫୨୦ନଂ ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ବୋଲେରୋକୁ ଏକ ଡମ୍ପର ଧକ୍କା ଦେବା ଫଳରେ ଡ୍ରାଇଭର ଆହତ ହୋଇଛନ୍ତି। ଅନ୍ୟ ୪ ଜଣ ସୁରକ୍ଷା କର୍ମୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ ଗୁରୁବାର ରାତି ପ୍ରାୟ ୧ଟା ସମୟରେ ପାଟ୍ରୋଲିଂ କରାଯାଉଥିବା ବେଳେ ସାମ୍ନା ପଟୁ ଆସୁଥିବା ଡମ୍ପର (ନଂ ଓଆର୦୯ ଜେ ୫୯୦୧ ) ଧକ୍କା ଦେବାରୁ ବୋଲେରୋ ଭାଙ୍ଗି ଚୂରମାର ହୋଇଯାଇଛି। ଡମ୍ପର ଡ୍ରାଇଭର ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା କରୁଥିବାରୁ ଏଭଳି ଦୁର୍ଘଟଣା ଘଟିଥିବା ଯୋଡା ଥାନା ସବଇନ୍ସପେକ୍ଟର ବିଶ୍ୱଜିତ ବେହେରା କହିଛନ୍ତି । ପୋଲିସ ଡମ୍ପର ଡ୍ରାଇଭର ଖାଗେ ଚାତାରଙ୍କୁ ଗିରଫ କରି ଡମ୍ପରକୁ ଜବତ କରିଛି । ୫୨୦ନଂ ଜାତୀୟ ରାଜପଥରେ ଟ୍ରାଫିକ ଜାମ୍ ହେଉଥିବାରୁ ପୋଲିସ କର୍ମଚାରୀ ଉକ୍ତ ବୋଲେରୋରେ ପାଟ୍ରୋଲିଂ କରୁଥିଲେ।

### ସଡ଼କ ଦୁର୍ଘଟଣାରେ ଆହତ ଚିକିତ୍ସାଧୀନଙ୍କ ମୃତ୍ୟୁ

ପାଟଣା,୬।୯(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ଥାନା କପୁଣ୍ଡି ଠାକୁର ମୁଣ୍ଡା ରାସ୍ତାର ଖଡିବେଡା ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ କୁଣ୍ଡଳା ପଞ୍ଚାୟତ ଖଡିବେଡା ଗ୍ରାମର ଚିକାନ ମହାନ୍ତ(୫୪)ଙ୍କୁ ଏକ ବାଇକ ଧକ୍କା ଦେବାରୁ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର କଟକ ବଡ଼ ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି।

### ଡିଭାଇଡରକୁ ଧକ୍କା ଦେଇ ଓଲଟିଲା କାର

ଢେଙ୍କିକୋଟ, ୬।୯(ଡି.ଏନ୍.ଏ.)- କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥରେ ଥିବା ଏକ ଢାବା ସମ୍ମୁଖରେ ଶୁକ୍ରବାର ଅପରାହ୍ନରେ ଏକ ଜାଇଲୋ କାର୍ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରକୁ ଧକ୍କା ଦେଇ ଓଲଟି ପଡିଛି। ଏଥିରେ ଚାଳକ ସିପୁ ଘଣା ଗୁରୁତର ଆହତ ହୋଇଛନ୍ତି। ଜାତୀୟ ରାଜପଥରେ ପାଟ୍ରୋଲିଂ କରୁଥିବା ପୋଲିସ ସେଠାରେ ପହଞ୍ଚି ଗାଡି ଚାଳକଙ୍କୁ ଉଦ୍ଧାର କରି ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା ଦୁର୍ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଜାଇଲୋ କାର୍‌କୁ ଜବତ କରି ତଦନ୍ତ କରୁଛନ୍ତି।

### ରୋଟାରି କ୍ଲବ ପକ୍ଷରୁ ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ

ଯୋଡ଼ା,୬।୯ (ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ରୋଟାରୀ କ୍ଲବ ପକ୍ଷରୁ ଗୁରୁ ଦିବସ ପାଳିତ ହୋଇଯାଇଛି । କ୍ଲବର ସଦସ୍ୟମାନେ ଖୁଣ୍ଟପାଣିସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଯୋଡା ଇଷ୍ଟ ମଧ୍ୟଇଂରାଜୀ ଓ ଯୋଡା ଭ୍ୟାଲି ଗାର୍ଲସ ହାଇସ୍କୁଲକୁ ଯାଇ ଛାତ୍ରୀଛାତ୍ରଙ୍କୁ ଗୁରୁଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବୁଝାଇଥିଲେ । ଯୋଡା ରୋଟାରୀ କ୍ଲବ ପକ୍ଷରୁ ୨ଜଣ ଶିକ୍ଷକଙ୍କୁ କର୍ତ୍ତବ୍ୟନିଷ୍ଠା ଓ ଛାତ୍ରବତ୍ସଳତା ନିମନ୍ତେ ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା । ପୂର୍ବ ଯୋଡା ମଧ୍ୟଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ପାତ୍ର ଏବଂ ଯୋଡା ଭ୍ୟାଲି ଗାର୍ଲସ ହାଇସ୍କୁଲର ଶିକ୍ଷକ ଅନିଲ କୁମାର ଗିରିଙ୍କୁ ରୋଟାରି କ୍ଲବର ସଭାପତି ସିଦ୍ଧାର୍ଥ ସାରଥୀ କର ଏବଂ ସମ୍ପାଦକ ଜିତେନ୍ଦ୍ର କୁମାର ବୈଦ୍ୟ ଉପଢୌକନ ଏବଂ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ରୋଟାରିଆନ୍ ଡଃ ମାଧବ ମିଶ୍ର, ପ୍ରକାଶ ମହାନ୍ତି, ସୁନୀଲ ବାସୋତିଆ, ଦୀପକ ବିହାରୀ, ରାଜଶ୍ରୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଯୋଡା ସହରର କୁନ୍ଦୁରୁନାଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଯୋଡା ଲକ୍ଷ୍ମୀ ପଢିଆ ବିଦ୍ୟାଳୟରେ ଗୁରୁ ଦିବସ ପାଳନ କରାଯାଇଥିଲା।

# ରାତି ହେଲେ ହାତୀପଲ ଗାଁ ମୁହାଁ

କେନ୍ଦୁଝର ୬।୯ (ସ୍ୱ.ପ୍ର.)



ଜଙ୍ଗଲ ତଳି ଇଲାକାରେ ହାତୀ ।



କ୍ଷତିଗ୍ରସ୍ତ ହୋଇଥିବା ଚାଷଜମି।

- ଉଜାଡି ଦେଉଛନ୍ତି ଧାନଫସଲ
- ଘଉଡାଇ ପାରୁନି ବନ ବିଭାଗ
- ହାତୀ ଭୟ ଯୋଗୁ ଲୋକେ ରାତି ଅନିଦ୍ରା

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନରଣପୁର ଓ ମଇଦାନକେଲ ଫରେଷ୍ଟ ବିଟ ଅଧୀନ ଅଞ୍ଚଳରେ ଗତ କିଛି ଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ହାତୀପଲ କେରୀ, ଡାବରଚୁଆ, ମଇଦାନକେଲ, ବାଘୁଆସାହି ଆଦି ଅଞ୍ଚଳକୁ ଚାଲି ଆସି ଖରିଫ ଫସଲର ବ୍ୟାପକ କ୍ଷତି ଘଟାଇଛନ୍ତି। ବର୍ଷାଭାବ ସତ୍ତ୍ୱେ ଚାଷୀମାନେ ବହୁ କଷ୍ଟରେ ଯେଉଁ ଧାନ ଚାଷ କରିଥିଲେ ତାହା ଏବେ ହାତୀପଲ ଉଜାଡି ଦେଉଥିବାରୁ ସେମାନେ ହତାଶ ହୋଇପଡିଛନ୍ତି। ଅନ୍ୟପକ୍ଷେ ସନ୍ଧ୍ୟା ହେଲେ ଜଙ୍ଗଲତଳି ଇଲାକାରେ ହାତୀ ଭୟ ଯୋଗୁ ଲୋକେ ତାଟି କବାଟ ପକାଇ ଘରେ ରହୁଛନ୍ତି। କେତେକ ଗାଁର ଲୋକେ ରାତି ଅନିଦ୍ରା ରହି ନିଆଁ ଜାଳି ହାତୀ ଘଉଡାଉଥିବା କହିଛନ୍ତି। ବନ ବିଭାଗ କର୍ତ୍ତୃପକ୍ଷ ହାତୀପଲଙ୍କୁ ଘଉଡାଇବାରେ ବିଫଳ ହେଉଥିବାରୁ ଅଞ୍ଚଳବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ଏହି ଅଞ୍ଚଳରେ ପ୍ରାୟ ୯ ଟି ହାତୀ ଘୂରି ବୁଲୁଛନ୍ତି। ସେମାନଙ୍କ ମଧ୍ୟରୁ ଗୋଟିଏ ହାତୀ ଅଧିକ ହିଂସ୍ର ଅବସ୍ଥାରେ ଘୂରିବୁଲୁଛି। ଲୋକଙ୍କୁ ଦେଖିବା ମାତ୍ରେ ଆକ୍ରମଣ କରୁଛି। ହାତୀ ପଲ ଦିନରେ ଜଙ୍ଗଲରେ ରହି ରାତି ହେଲେ ଜଙ୍ଗଲତଳି ଇଲାକାକୁ ଚାଲି ଆସି ଉପଦ୍ରବ କରୁଛନ୍ତି । ବନ ବିଭାଗ କର୍ମଚାରୀ ସେମାନଙ୍କୁ ଘଉଡାଇଲେ ଗୋଟିଏ ଗାଁ ଛାଡି ଅନ୍ୟ ଗାଁ ଆଡକୁ ଚାଲି ଯାଉଛନ୍ତି। ଗତ ୩ ଦିନ ମଧ୍ୟରେ ହାତୀପଲ ଉପଦ୍ରବ କରି ଏହି ଅଞ୍ଚଳର ଅନେକ ଚାଷ ଜମି ଉଜାଡି ଦେଇଛନ୍ତି। ଘଉଡାଇବାକୁ ଯାଉଥିବା ଲୋକଙ୍କୁ ହାତୀ ଆକ୍ରମଣ କରିବା କାରଣରୁ ଦିନେଶ ମହାନ୍ତ, ନରହରି ମହାନ୍ତ, ଟୁରା ମୁଣ୍ଡା, ଯୋଗେଶ୍ୱର ମହାନ୍ତ ସମେତ ଅନେକ ଲୋକ କ୍ଷତବିକ୍ଷତ ହୋଇଛନ୍ତି। ଗତ ଗୁରୁବାର ରାତିରେ ହାତୀ ପଲ କରୁଣାକର ପାତ୍ର, ବାସୁଦେବ ପାତ୍ର, ଯୋଗେନ୍ଦ୍ର ପାତ୍ର, ତ୍ରିନାଥ ପାତ୍ର, ସୁବାସ ପାତ୍ର, ପାକଲା ମୁଣ୍ଡା, ଶିରୋପାଣି ମୁଣ୍ଡା, ଭାଗିରଥୀ ମହାନ୍ତ, ଟୁନା ମୁଣ୍ଡା, ନାଥୁରାମ ପାତ୍ର, ଶୈଳ ପାତ୍ର, ରସିକ ମହାନ୍ତ, ଭୋଳାନାଥ ମହାନ୍ତ, ବୁଡୁରୁ ମୁଣ୍ଡା ସମେତ ଅନେକ ଚାଷୀଙ୍କ ଫସଲ ନଷ୍ଟ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଧନଜୀବନର ସୁରକ୍ଷା ପାଇଁ ବନ ବିଭାଗ ତୁରନ୍ତ ପଦକ୍ଷେପ ନ ନେଲେ ଜନ ଆନ୍ଦୋଳନ କରାଯିବ ବୋଲି କ୍ଷତିଗ୍ରସ୍ତ ଚାଷୀ ବେଣୁଧର ମହାନ୍ତ କହିଛନ୍ତି।

## ଉଜୁଡି ଯାଉଛି ଜଙ୍ଗଲ, ବିପଦରେ ବନ୍ୟପ୍ରାଣୀ

କେନ୍ଦୁଝର ୬।୯ (ସ୍ୱ.ପ୍ର.)

ଜଂଘିରା ଫରେଷ୍ଟ ସେକସନ ଅଧୀନ ବନାଞ୍ଚଳରେ ବ୍ୟାପକ ଗଛକଟା ସାଙ୍ଗକୁ ବେଆଇନ ମୋରମ ଓ ପଥର ଖନନ ଜାରି ରହିଛି। ବିଭାଗ ପକ୍ଷରୁ ଏହାର ଉପଯୁକ୍ତ ତଦାରଖ କରାଯାଉ ନ ଥିବାରୁ ଖଜୁରୀବାଣୀ ଓ ଏହା ଆଖପାଖ ଜଙ୍ଗଲ କ୍ରମେ ପଦା ହେବାରେ ଲାଗିଛି। ଏହି ଜଙ୍ଗଲର ମୋରମ, ପଥର ଖନନ କରାଯିବା ସହ ଗଛ କାଟି ନିଆଯାଇଥିବା ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ସେହିପରି ନଳପଙ୍ଗା ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀ ଓ ପକ୍ଷୀ ଶିକାର କରାଯାଉଥିବା ଅଭିଯୋଗ ହେଉଛି । ଜଙ୍ଗଲ ନଷ୍ଟ ହେବା କାରଣରୁ ହାତୀପଲ ଓ ଅନ୍ୟ ବନ୍ୟ ପ୍ରାଣୀ ଜଙ୍ଗଲତଳି ଇଲାକାକୁ ଚାଲି ଆସୁଛନ୍ତି। ଆଗରୁ ହାତୀ ଘଉଡାଇବା ଲାଗି ଲାଇଟ, ବାଣ ଆଦି ମିଳୁଥିଲା । ଏବେ ତାହା ଆଉ ଯୋଗାଇ ଦିଆଯାଉ ନାହିଁ । ଜଙ୍ଗଲତଳି ଇଲାକାକୁ ଆସି ଅନେକ ବନ୍ୟପ୍ରାଣୀ ଶିକାରୀଙ୍କ ହାବୁଡରେ ପଡ଼ି ମୃତ୍ୟୁବରଣ କରିଥିବା ଅଞ୍ଚଳବାସୀ କହିଛନ୍ତି।

## ଫୁଟବଲ ପ୍ରତିଯୋଗିତା: ଭାଗନେଲେ ୩୨ ଦଳ



ବାର୍ଷିକ ଫୁଟବଲ ପ୍ରତିଯୋଗିତାର ଉଦ୍‌ଘାଟନୀ ମ୍ୟାଚରେ ଖେଳାଳିଙ୍କ ସହ ଅତିଥି କରମର୍ଦ୍ଦନ କରୁଛନ୍ତି।

କେନ୍ଦୁଝର ୬।୯ (ସ୍ୱ.ପ୍ର./ଡି.ଏନ୍.ଏ.)

ସ୍ଥାନୀୟ କେନ୍ଦୁଝର ଷ୍ଟାଡିୟମଠାରେ ମର୍ନିଙ୍ଗ ଷ୍ଟାର ପକ୍ଷରୁ ପ୍ରଥମ ବାର୍ଷିକ ଫୁଟବଲ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ଏହା ୩ ଦିନ ଧରି ଚାଲିବ। ପ୍ରତିଯୋଗିତାରେ ଜିଲାର ସମୁଦାୟ ୩୨ଟି ଟିମ୍ ଭାଗ ନେଇଛନ୍ତି। ମ୍ୟାଚ ରେଫରୀ ଭାବରେ ଉମେଶ ଦାସ, କୃଷ୍ଣଚନ୍ଦ୍ର ମହାନ୍ତ, ଚନ୍ଦ୍ର ମୋହନ ସିଙ୍କୁ, ମାନସ ବିଶ୍ୱାଳ, ଜଗବନ୍ଧୁ ମହାନ୍ତ, ପ୍ରମୋଦ କୁମାର ଉର୍ଡୀ ଖେଳ ପରିଚାଳନା କରୁଛନ୍ତି।

ଶୁକ୍ରବାର ପୂର୍ବାହ୍ନରେ ଉଦ୍‌ଘାଟନୀ ମ୍ୟାଚ ପୁରୁଣା ସହର ଓ ଗୁମରା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଗୁମୁରା ଦଳ ୨-୧ ଗୋଲରେ ପୁରୁଣା ବଜାର ଦଳକୁ ପରାସ୍ତ କରିଥିବା ଜଣାପଡିଛି । ଆୟୋଜକଙ୍କ ପକ୍ଷରୁ ଲୋକନାଥ ମୁଖୀ, ଅଜୟ କୁମାର ସାହୁ, ମନୁଗିରି ମାଝୀ, ବସନ୍ତ ମାଝୀ, ଦିଲୀପ ସ୍ୱାଇଁ, ବାମଦେବ ମିଶ୍ର, ଲକ୍ଷ୍ମୀ ମହାନ୍ତ, ବିଦ୍ୟାଧର ହେମ୍ବରମ, ଆରତ ନାଏକ, ତ୍ରିଲୋଚନ ନାଏକ, ଭୀମସେନ ଟୁଡୁ ପ୍ରମୁଖ କ୍ରୀଡା ପରିଚାଳନାରେ ସହାୟତା କରୁଛନ୍ତି । ବିଜୟୀ ଚାମ୍ପିୟନ ଦଳକୁ ୨୦ ହଜାର ଓ ରନର୍ସ ଅପ ଦଳକୁ ୧୫ ହଜାର ଟଙ୍କା ପୁରସ୍କାର ମିଳିବ ବୋଲି ଘୋଷଣା କରାଯାଇଛି । ଉଦ୍‌ଘାଟନୀ ଉତ୍ସବରେ ଜିଲା ଯୁବ ବିଜେଡି ସଭାପତି ସୌମ୍ୟଶଙ୍କର ଚକ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

## ‘ଚକ୍ଷୁଦାନ ମହତ୍ ଦାନ’

ଆନନ୍ଦପୁର, ୬। ୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁରର ଶାଳବଣିଠାରେ ଥିବା ପରମାନନ୍ଦ ବିଜ୍ଞାନ ମହାବିଦ୍ୟାଳୟରେ ଶୁକ୍ରବାର ଜାତୀୟ ଚକ୍ଷୁଦାନ ପକ୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚକ୍ଷୁ ବିଶେଷଜ୍ଞ ଡ.ଉଦୟଭାସ୍କର ପଣ୍ଡା ଉପସ୍ଥିତ ରହି ଚକ୍ଷୁଦାନ ପକ୍ଷ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ। ଚକ୍ଷୁଦାନ ମହତ ଦାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହେବାର ୬ଘଣ୍ଟା ପର୍ଯ୍ୟନ୍ତ ଚକ୍ଷୁ ଜୀବିତ ରହିଥାଏ। ତେଣୁ ପରିବାରଲୋକେ ନିକଟସ୍ଥ ଚକ୍ଷୁବିଶେଷଜ୍ଞଙ୍କ ସହ ପରାମର୍ଶ କରି ମୃତବ୍ୟକ୍ତିଙ୍କ ଚକ୍ଷୁଦାନ କରି ପାରିବେ। ଅଧ୍ୟକ୍ଷ ଅଶ୍ୱନୀକୁମାର ବିଶ୍ୱାଳ ଚକ୍ଷୁଦାନ ସମ୍ପର୍କରେ ମଧ୍ୟ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ରଞ୍ଜନକୁମାର ଖଣ୍ଡା, ଦୀପ୍ତିରଞ୍ଜନ ମହାନ୍ତ, ଦୀପିକା ପରିଡା, ଦୀପ୍ତିମୟୀ ନନ୍ଦୀ, ତପସ୍ୱିନୀ ବେହେରା, ସନ୍ତୋଷ ସାହୁ, ପବିତ୍ର ମୋହନ ସିଂବାବୁ ପ୍ରମୁଖ ଯୋଗ ଦେଇଥିଲେ।

## ଜ୍ଞାନବିଜ୍ଞାନ ମେଳାରେ ୨୬୨ ଛାତ୍ରୀଛାତ୍ର

ଝୁମ୍ପୁରା, ୬।୯ (ଡି.ଏନ.ଏ.)



ବିଜ୍ଞାନମେଳାରେ ପ୍ରଦର୍ଶିତ ପ୍ରକଳ୍ପ।

ବିଦ୍ୟାଭାରତୀ ଶିକ୍ଷାବିକାଶ ସମିତିର କେନ୍ଦୁଝର ବିଭାଗ ପକ୍ଷରୁ ଝୁମ୍ପୁରା ଶିଶୁ ବିଦ୍ୟା ମନ୍ଦିର ପରିସରରେ ବିଭାଗ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା-୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ଉତ୍ତର ସମ୍ଭାଗର ସମ୍ପାଦକ କୈଳାସ ଚନ୍ଦ୍ର ମହାନ୍ତଙ୍କ ଦ୍ୱାରା ଉଦଘାଟନ ହୋଇଥିବା ଏହି ବିଜ୍ଞାନ ମେଳା ୨ଦିନ ଧରି ଚାଲିବ ବୋଲି ପ୍ରଧାନ ଆଚାର୍ଯ୍ୟ ବିପିନ ବିହାରୀ ଖଣ୍ଡାୟୀ ସୂଚନା ଦେଇଥିଲେ। ଉତ୍ତର ସମ୍ଭାଗ ସଂଯୋଜକ ସୁକାନ୍ତ କୁମାର ବେହେରା, କେନ୍ଦୁଝର ବିଭାଗର ବିଭାଗ ନିରୀକ୍ଷକ ଶ୍ରୀନିବାସ ପ୍ରଧାନ କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜ୍ଞାନ ମେଳାର ଆଭିମୁଖ୍ୟ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ପରିଚାଳନା କମିଟିର ସମ୍ପାଦକ ରାଜେନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କେନ୍ଦୁଝର ବିଭାଗରେ ରହିଥିବା ୭ଟି ସଙ୍କୁଳ ଆନନ୍ଦପୁର, ସ୍ୱାମପାଟଣା, ତୁରୁମୁଙ୍ଗା, କେନ୍ଦୁଝର, ଝୁମ୍ପୁରା, ଚମ୍ପୁଆ, ବଡବିଲରୁ ସମୁଦାୟ ୨୬୨ ଛାତ୍ରୀଛାତ୍ର ଏଥିରେ ଯୋଗ ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଶକ୍ତି ସଂରକ୍ଷଣ, କୃଷି ପ୍ରଯୁକ୍ତି ବିଦ୍ୟା, ନୂତନ ପ୍ରୟୋଗ, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଭଳି ୫୦ଟି ପ୍ରକଳ୍ପ ମେଳାରେ ସ୍ଥାନ ପାଇଛି। ଏହାଛଡା ୪୯ଟି ପ୍ରଶ୍ନମଞ୍ଚ ଦଳ ଏବଂ ୬୫ ଛାତ୍ରୀଛାତ୍ର ପତ୍ରବାଚନ ଓ ପ୍ରୟୋଗରେ ଅଂଶ ଗ୍ରହଣ କରିଛନ୍ତି। ଏହି ମେଳାରେ କୃତୀ ପ୍ରତିଯୋଗୀଙ୍କୁ ବଛା ଯାଇ ପ୍ରାଦେଶିକ ବିଜ୍ଞାନ ମେଳାକୁ ପଠାଯିବ ବୋଲି ପ୍ରଧାନାଚାର୍ଯ୍ୟ ସୂଚନା ଦେଇଛନ୍ତି।

## ୭୭ ଭୂମିହୀନଙ୍କୁ ମିଳିଲା ଜମିପଟ୍ଟା

ଝୁମ୍ପୁରା, ୬।୯ (ଡି.ଏନ.ଏ.)



ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ପରିସରସ୍ଥିତ ସଭାକକ୍ଷରେ ଗୁରୁବାର ଜମି ପଟ୍ଟା ଆବଣ୍ଟନ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଜଗନ୍ନାଥ ନାଏକ, ତହସିଲଦାର ଜନକ ନାୟକ, ବିଡିଓ ଜୟଶ୍ରୀ ବେଉରା, ୧୭ନଂ. ଜିଲା ପରିଷଦ ସଦସ୍ୟ ଅନୁବ୍ରତ ବେହେରା, ୧୬ନଂ. ଜିଲା ପରିଷଦ ସଦସ୍ୟ ସୋମନାଥ ମୁଣ୍ଡାଙ୍କ ସହିତ ଅନ୍ୟ ଅତିଥି ବୃନ୍ଦ ଉପସ୍ଥିତ ଥିଲେ। ଭୂମିହୀନଙ୍କ ସମ୍ପର୍କରେ ସର୍ଭେ ପରେ ୧ମ ପର୍ଯ୍ୟାୟରେ ସମୁଦାୟ ୭୭ଜଣଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଛି। ଝୁମ୍ପୁରା ବ୍ଲକ ଅନ୍ତର୍ଗତ ୨୨ଟି ପଞ୍ଚାୟତ ମଧ୍ୟରୁ ବାଲିବନ୍ଧ ପଞ୍ଚାୟତରେ ୨୩, ଝୁମ୍ପୁରା ପଞ୍ଚାୟତରେ ୨୦, ଚଉଠିଆ ପଞ୍ଚାୟତରେ ୬, ମଳଦା ପଞ୍ଚାୟତରେ ୧୨, ଉଖୁଣ୍ଡା ପଞ୍ଚାୟତରେ ୮ ଓ ଗୁମୁରା ପଞ୍ଚାୟତରେ ୮ଜଣଙ୍କୁ ଜମି ପଟ୍ଟା ଦିଆଯାଇଛି। ୨ୟ ପର୍ଯ୍ୟାୟରେ ୨୪୦ ଭୂମିହୀନଙ୍କୁ ଜମି ପଟ୍ଟା ଦେବା ପାଇଁ ସର୍ଭେ ଚାଲିଥିବା ଝୁମ୍ପୁରା ତହସିଲଦାର ଜନକ ନାୟକ ସୂଚନା ଦେଇଛନ୍ତି।

## ସୁନ୍ଦରାପାଳ ଡାକ୍ତରଖାନାରୁ ଚୋରି

ହାଟଡିହୀ, ୬।୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ସୋସୋ ଥାନା ଅନ୍ତର୍ଗତ ସୁନ୍ଦରାପାଳ ସରକାରୀ ଡାକ୍ତରଖାନାରୁ ବୁଧବାର ରାତିରେ ଇନ୍‌ଭର୍ଟର ଓ ବ୍ୟାଟେରି ଚୋରି ହୋଇଯାଇଛି । ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଏହାକୁ ଚୋରି କରି ନେଇଯାଇଥିବାର ଡାକ୍ତର ଦିଲୀପ କୁମାର ମହାଳିକ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସୋସୋ ଥାନା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିବା ଥାନାଧିକାରୀ ଗଗନ ନାୟକ କହିଛନ୍ତି।

## ୫୦୦ ମିଟର ରାସ୍ତା ପାଇଁ ହଇରାଣ

ଢେଙ୍କିକୋଟ, ୬।୯(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ସାନ୍ତରାପୁର ପଞ୍ଚାୟତ ଏବଂ ପଇଦା ପାଟଣା ପଞ୍ଚାୟତକୁ ସଂଯୋଗ କରୁଥିବା ଆରଡି ରାସ୍ତାର ୫୦୦ ମିଟର ରାସ୍ତା ଖାଲଖମାରେ ପରିପୂର୍ଣ୍ଣ ହୋଇ ବର୍ଷାପାଣି ଜମି ରହୁଥିବାରୁ ସନ୍ତରାପୁରଠାରୁ ଖୁଣ୍ଟାପଡ଼ାକୁ ଯାଥବବା ଲୋକେ ନାହିଁ ନ ଥବବା ଅସୁବିଧା ଭୋଗୁଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏହି ୫୦୦ ମିଟର ରାସ୍ତାକୁ ମେଣ୍ଟାଲ ମୋରମ କରାଯାଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ତାହାକୁ ପିଚୁ କରାଯାଉ ନାହିଁ । ବର୍ଷା ଦିନରେ ଏହି ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁ ମେଣ୍ଟାଲ ମୋରମ ଉଠି ଖାଲଖମା ହୋଇ ଯାତାୟତ ଅନୁପଯୋଗୀ ହୋଇପଡିଛି। ଫଳରେ ଏହି ଅଞ୍ଚଳର ଛାତ୍ରୀଛାତ୍ରଙ୍କ ସମେତ ଜନସାଧାରଣ ହଇରାଣ ହେଉଛନ୍ତି। ତୁରନ୍ତ ଏହାର ପ୍ରତିକାର କରା ନ ଗଲେ ପଞ୍ଚାୟତବାସୀ ଜନଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଶାରୀରିକ ଶିକ୍ଷା ଶିକ୍ଷକ ସମ୍ମିଳନୀ

କେନ୍ଦୁଝର ୬।୯ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାର ଶାରୀରିକ ଶିକ୍ଷା ଶିକ୍ଷକ, ସ୍କାଉଟ୍ସ, ଗାଇଡ୍ସ, ରେଡକ୍ରସ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ବାର୍ଷିକ ସମ୍ମିଳନୀ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ସର୍ବଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ ପୂର୍ଣ୍ଣଚନ୍ଦ୍ର ସେଠୀ, ସମ୍ମାନନୀୟ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଏବଂ ବିଭିନ୍ନ ବ୍ଲକ ଗୋଷ୍ଠୀ ଶିକ୍ଷାଅଧିକାରୀ ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ସର୍ଦ୍ଦାର ବାରିକ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସେ ଚଳିତ ଶିକ୍ଷାବର୍ଷର ବାର୍ଷିକ ବଜେଟ ଉପସ୍ଥାପନ କରିଥିଲେ । ଏଥିରେ ଜିଲାରେ ୩୫୦ଜଣ କ୍ରୀଡା ଶିକ୍ଷକ ଓ ଶିକ୍ଷୟିତ୍ରୀ, ସ୍କାଉଟ ମାଷ୍ଟର, ଗାଇଡ କ୍ୟାପଟେନ ଏବଂ ଜେ.ଆର.ସି କାଉନସେଲର ଯୋଗ ଦେଇଥିଲେ । ସଭା ପ୍ରାରମ୍ଭରେ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, କେନ୍ଦୁଝରଗଡର ଛାତ୍ରଛାତ୍ରୀଙ୍କ ପକ୍ଷରୁ ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା । ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।



ସମ୍ମିଳନୀରେ ଯୋଗଦେଇଥିବା ପିଇଟି, ସ୍କାଉଟ ମାଷ୍ଟର, ଗାଇଡ କ୍ୟାପ୍ଟେନ।

# ଧୂଆଁଧୂଳିରେ ରୁନ୍ଧି ହେଉଛି ଜୀବନ

ବଡବିଲ, ୬।୯(ସ୍ୱ.ପ୍ର.)



ରାସ୍ତାରେ ଟ୍ରାଫିକ୍ ଜାମ୍।

- ଯୋଡା-ବଡବିଲରେ ଖଣିଜ ଦ୍ରବ୍ୟ ପରିବହନ ବଢାଉଛି ସମସ୍ୟା
- ଅନ୍‌ଲାଇନରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ପଠାଗଲା ଅଭିଯୋଗ

କେନ୍ଦୁଝର ଜିଲା ଖଣି ଅଞ୍ଚଳ ଅଧୀନ ଯୋଡା-ବଡବିଲରେ ପ୍ରଦୂଷଣ ସମସ୍ୟା ଗୁରୁତର ହେବାରେ ଲାଗିଛି। ଦିନରାତି ସବୁବେଳେ ଭାରି ଯାନରେ ଖଣିଜଦ୍ରବ୍ୟ ପରିବହନ ଯୋଗୁ ରାସ୍ତା ଅବସ୍ଥା ବେହାଲ ହେବା ସହ ଟ୍ରାଫିକ ସମସ୍ୟା ଓ ଧୂଳିଧୂଆଁ ଲୋକଙ୍କୁ ଅତିଷ୍ଠ କରୁଛି। ପ୍ରଶାସନ ପକ୍ଷରୁ ପ୍ରତିକାର ଲାଗି କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅଞ୍ଚଳବାସୀ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଗୁରୁ ଦିବସରେ ଖଣି ଅଞ୍ଚଳର ଗଣେଶ୍ୱର ପାତ୍ର ନାମକ ଜଣେ ଯୁବକ ପ୍ରଧାନମନ୍ତ୍ରୀଙ୍କ ଅନଲାଇନ ଅଭିଯୋଗ ସେଣ୍ଟ୍ରାଲାଇଜ୍‌ଡ ପବ୍ଲିକ୍ ଗ୍ରିଭାନ୍‌ସ୍ ରିଡ୍ରେସ୍ ଆଣ୍ଡ୍ ମନିଟରିଂ ସିଷ୍ଟମ୍ (ସିପିଗ୍ରାମସ) ଜରିଆରେ ଏନେଇ ଅଭିଯୋଗ କରିଥିବା ଜଣାପଡିଛି ।

ଖଣି ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି ଯେ, ଖଣିଜ ଦ୍ରବ୍ୟ ପରିବହନ ହେଉଥିବା ରାସ୍ତାର ଦୁରବସ୍ଥା ଓ ଧୂଳି ସମସ୍ୟା ଯୋଗୁ ନିର୍ଦ୍ଦିଷ୍ଟ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପହଞ୍ଚିବା ଲୋକଙ୍କ ପକ୍ଷେ ଅସମ୍ଭବ ହୋଇପଡୁଛି। ବିକାଶ ନାଁରେ ବିନାଶ ଚାଲିଛି। ଦିନକୁ ଦିନ ଭାରିଯାନ ସଂଖ୍ୟା ବୃଦ୍ଧିପାଇବା କାରଣରୁ ବାସୁଦେବପୁରଠାରୁ ବିଲେଇପଦା, ଯୋଡା, ଭଦ୍ରାସାହି, ରୁଗୁଡି, ଗୁଆଲି ଦେଇ ସୁନ୍ଦରଗଡ ଜିଲାକୁ ସଂଯୋଗ କରୁଥିବା ଜାତୀୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ବିଭିନ୍ନ ସ୍ଥାନରେ ଏହି ରାସ୍ତା ଖାଲଖମା ହୋଇ ଦୁର୍ଗମ ହୋଇପଡିଛି। ରାସ୍ତା ଦୁରବସ୍ଥା ସାଙ୍ଗକୁ ଟ୍ରାଫିକ ସମସ୍ୟା ଯୋଗୁ ସ୍କୁଲକୁ ଯିବା ଛାତ୍ରୀଛାତ୍ରଙ୍କ ନିମନ୍ତେ କାଠିକର ପାଠ ହୋଇପଡିଛି। ବିଭିନ୍ନ ସମୟରେ ମଧ ଛୋଟବଡ ଦୁର୍ଘଟଣା ଘଟୁଛି।

ଖଣିଜ ଦ୍ରବ୍ୟ ପରିବହନ ନିମନ୍ତେ ଦୈନିକ ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଟ୍ରେଲର ଓ ଟ୍ରକ ଯାତାୟାତ କରୁଥିବା ଜଣାପଡିଛି। ରାସ୍ତାରେ ଉଡୁଥିବା ଧୂଳି ଯୋଗୁ ରାସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳବାସୀଙ୍କ ସମେତ ଯାତ୍ରୀମାନେ ଅଣନିଃଶ୍ୱାସୀ ହେଲା ଭଳି ଅନୁଭବ କରୁଥିବା କହୁଛନ୍ତି । ଦୀର୍ଘ ବର୍ଷ ଧରି ୨୧୫ ନଂ. ଜାତୀୟ ରାଜପଥର ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବାରୁ ଏହା ଅଧିକ ସମସ୍ୟା ବଢାଉଛି। ଏହି ଜାତୀୟ ରାଜପଥର ନାମ ବଦଳାଇ ୨୦ ଓ ୫୨୦ ନମ୍ବର କରାଯାଇଛି। ଏହାବାଦ ଅଳ୍ପ ଦୂର ବ୍ୟବଧାନରେ ରାସ୍ତାରେ ଗେଟ୍ ବସାଯାଇ ରୀତିମତ ଟୋଲ ଆଦାୟ କରାଯାଉଥିବା ବେଳେ ରାସ୍ତା ସମସ୍ୟା ପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରି ଆସୁଛନ୍ତି। ଝାଡଖଣ୍ଡ ରାଜ୍ୟକୁ ସଂଯୋଗ କରୁଥିବା ବଡବିଲ-ନାଳଦା ରାଜ୍ୟ ରାଜପଥ ଦେଇ ଏବେ ଯାତାୟାତ କରିବା ଅସମ୍ଭବ ହୋଇପଡିଲାଣି। ଏହି ରାସ୍ତା ଦେଇ ଭାରିଯାନଗୁଡିକର ଅବାଧ ଚଳାଚଳ କାରଣରୁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଧୂଳି ଉଡି ଲୋକଙ୍କ ଘର ଭିତରେ ପଶି ଭାତ ହାଣ୍ଡି ଓ ପିଇବା ପାଣି ଉପରେ ଏକ ଆସ୍ତରଣ ଜମିଯାଉଛି। ଲୋକେ ଚର୍ମ ଓ ଶ୍ୱାସ ଜନିତ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଅଥଚ ଏହି ରାଜ୍ୟ ରାଜପଥର ହିସାବୁରୁଠାରେ ଏକ ଟୋଲଗେଟ ବସାଇ ଦୈନିକ ଟୋଲ ଆଦାୟ କରାଯାଉଛି। ଭାରିଯାନ ଚଳାଚଳ ନିମନ୍ତେ ବାଇପାସ ରିଂ ରୋଡ ନିର୍ମାଣ କରାଯିବା, ଯୋଡା ଓ ବଡବିଲ ନିମନ୍ତେ ଘୋଷଣା ହୋଇଥିବା ଫ୍ଲାଇଂ ଓଭର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯିବାକୁ ଦାବି ହେଉଛି। ସେହିପରି ନିର୍ମାଣାଧୀନ ଓଭରବ୍ରିଜ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ବଡବିଲ-ବାଂଶପାଣିକୁ ସିଧାସଳଖ ରେଳ ସଂଯୋଗ କରି ବଡବିଲ-ରାଉରକେଲା, ବଡବିଲ-ଭୁବନେଶ୍ୱରକୁ ଏକ୍ସପ୍ରେସ ଟ୍ରେନ ଚାଲୁ କରିବା ସକାଶେ ଦାବିତେଜିବାରେ ଲାଗିଛି।